ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.209 Bhubaneswar Saturday October 08 2022 | ୨୫ତମ ବର୍ଷ ସଂଖ୍ୟା-୨୦୯ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୦୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ପ୍ରକାଶ ପାଇଲା ଓସିଏସ୍ ରେଜଲ୍ଟ : ତେଜସ୍ୱିନୀ ବେହେରା ଟପ୍ପର




ଭୁବନେଶ୍ୱର, ୭।୧୦(ପି.ଏନ): ପ୍ରକାଶ ପାଇଲା ଓଡିଶା ସିଭିଲ ସର୍ଭିସ୍ (ଓସିଏସ୍) ରେଜଲ୍ଟ। ଓପିଏସସି ଦ୍ୱାରା ପରିଚାଳିତ ଓସିଏସ୍ -୨୦୨୦ ରେ ମୋଟ ୩୯୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୮ ଜଣ ଛାତ୍ରୀ ରହିଛନ୍ତି। ପ୍ରଥମ ତିନି ସ୍ଥାନରେ ମହିଳା ରହିଛନ୍ତି। ପ୍ରଥମ ୧୦ଟି ସ୍ଥାନରେ ୭ ଜଣ ଝିଅ ଥିବା ବେଳେ ୩ ଜଣ ପୁଅ ରହିଛନ୍ତି। ତେଜସ୍ୱିନୀ ବେହେରା ୧ ନମ୍ବର ରାଙ୍କ ହାସଲ କରିଥିବା ବେଳେ ତାଲିକାର ଦ୍ୱିତୀୟ ସ୍ଥାନରେ ଶୁଭଙ୍କରୀ ସୁଦେଷ୍ଣା ଦାସ ଓ ତୃତୀୟ ସ୍ଥାନରେ ଅନନ୍ୟା ସୃଷ୍ଟି ଶତପଥୀ ରହିଛନ୍ତି।ସେହିପରି ଦେବବ୍ରତ କର ୪ର୍ଥ ସ୍ଥାନରେ ଥିବା ବେଳେ ଦେବବ୍ରତ ମହାରଣା ପଂଚମ , ଅଭିସ୍ମିତା ତିୱାରୀ ଷଷ୍ଠ, ଶୁଭଶ୍ରୀ ରଥ ୭ମ, ଶ୍ରୀତପା ମିଶ୍ର ୮ମ ସ୍ଥାନ ଅଧିକାର କରିଛନ୍ତି । ବିବେକାନନ୍ଦ ଷଡ଼ଙ୍ଗୀ ୯ମ ଓ ତପତି ରାଜଙ୍କୁ ଦଶମ ସ୍ଥାନ ମିଳିଛି ।ଏକାଦଶ ସ୍ଥାନରେ ପଙ୍କଜ କୁମାର ମହାନ୍ତ, ଦ୍ୱାଦଶରେ ତନ୍ମିତା କର ଓ ୧୩ ନମ୍ବରରେ ଅଭିଜିତ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ୧୪ ନମ୍ବର ସ୍ଥାନରେ କସ୍ତୁରୀ ପଣ୍ଡା, ୧୫ ନମ୍ବରରେ ବିଭୂପ୍ରସାଦ ସିଂହ, ୧୬ ନମ୍ବରରେ ବିଶ୍ୱଜିତ ପଣ୍ଡା, ୧୭ ନମ୍ବରରେ ହରପ୍ରିୟା ପୃଷ୍ଟି, ୧୮ ନମ୍ବରରେ ରାମକୃଷ୍ଣ ସତ୍ୟରାଜ ଗୁରୁ, ୧୯ ନମ୍ବର ଅଣାକାର ନାୟକ, ୨୦ ତମ ସ୍ଥାନରେ ଲିତୁସ୍ମିତା ମିଶ୍ର ଅଛନ୍ତି ।ଓସିଏସ୍ ପରୀକ୍ଷାରେ ଟପର ହୋଇଥିବା ତେଜସ୍ୱିନୀ ବେହେରା କହିଛନ୍ତି, ପ୍ରଥମ ହେବି ବୋଲି ଭାବି ନଥିଲି। କିନ୍ତୁ ଲିଷ୍ଟରେ ନାଁ ରହିବ ନିଶ୍ଚିତ ଥିଲି। ଅର୍ଥନୀତି ଏବଂ ଗୃହ ବିଜ୍ଞାନ ଅପ୍ସନାଲ ରଖିଥିଲି। ଜେଏନୟୁରେ ଅର୍ଥନୀତିରେ ପିଜି କରିବା ଦିନରୁ ପ୍ରସ୍ତୁତି ଚଳାଇଥିଲି ବୋଲି ତେଜସ୍ୱିନୀ କହିଛନ୍ତି ।ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶୁଭଙ୍କରୀ ସୁଦେଷ୍ଣା ଦାଶ କହିଛନ୍ତି, "ଦ୍ୱିତୀୟ ଥରରେ ସଫଳତା ପାଇଛି। ୨୦୧୯ ମସିହାରେ ପ୍ରଥମେ ଓସିଏସ୍ ଦେଇଥିଲି। କିନ୍ତୁ ପ୍ରିଲିମ୍‌ରୁ କଟିଥିଲି। ପ୍ରାଣୀ ଚିକିତ୍ସକ ଭାବେ ଚାକିରି କରୁଥିଲି। ପରୀକ୍ଷା ପାଇଁ ଚାକିରି ଛାଡ଼ିଥିଲି ।ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୧୯ ତାରିଖରୁ ୩୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଓସିଏସ୍ ପରୀକ୍ଷାରେ ପ୍ରିଲିମ୍ ପାଇଁ ପ୍ରାୟ ୬୦ ହଜାର ପିଲା ପରୀକ୍ଷା ଦେଇଥିଲେ। ସେ ଭିତରୁ ମେନ ପାଇଁ ୪ ହଜାର ୭ ଶହ ୪ ଜଣ ସିଲେକ୍ଟ ହୋଇଥିଲେ। ତେବେ ଶେଷ ପର୍ଯ୍ୟାୟ ସାକ୍ଷାତକାର ପରୀକ୍ଷା ପାଇଁ ମୋଟ୍ ୭୮୪ ପରୀକ୍ଷାର୍ଥୀ ମନୋନୀତ ହୋଇଥିଲା ବେଳେ କୃତକାର୍ଯ୍ୟ ହୋଇଛନ୍ତି ମୋଟ୍ ୩୯୨ ଜଣ।

## ମା ଓ ପୁଅ ଓଏଏସ୍



ସମ୍ବଲପୁର,୭।୧୦(ପି.ଏନ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୦ରେ ସୋଡ଼ାମାଲ ନିବାସୀ ସୁରେଶ କୁମାର କାଲୋ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ସୁପୁତ୍ର କେ. ରିଚି କୁମାର ସଫଳତାର ସହିତ ଉର୍ତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ମାତା ଉପମା କାଲୋ, ଓଏଏସ୍ (ଏସଏଜି) ବନ୍ଦୋବସ୍ତ ଓ ଚକବନ୍ଦୀ ସମ୍ବଲପୁର-୨୧ ଅତିରିକ୍ତ କମିଶନର ଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ। କେ. ରିଚି କୁମାର ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ କିରୋଡିମଲ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ର। ସେ ଓପିଏସସି ପାଇଁ ସ୍ୱତନ୍ତ୍ର କୋଚିଂ ନନେଇ ସ୍ୱ-ଅଧ୍ୟୟନ ବଳରେ କୃତକାର୍ଯ୍ୟ ହୋଇଛନ୍ତି।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଗଣେଶ୍ୱର ସାହୁ
ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା

ଆବିର୍ଭାବ : ୦୧.୦୨.୧୯୪୨
ତିରୋଧାନ : ୨୮.୦୯.୨୦୨୨

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ସୌଜନ୍ୟ : ପରିବାର ବର୍ଗ, ଆତ୍ମୀୟସ୍ୱଜନ ଓ ମହର୍ଷି ପବ୍ଲିକ ସ୍କୁଲ, ବାରିପଦାର ଶିକ୍ଷକ/ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ର/ଛାତ୍ରୀ ବୃନ୍ଦ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଡେଲୋଏଟର ଗ୍ଲୋବାଲ ସିଇଓ

ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୧୦(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ବିଶ୍ୱର ପ୍ରତିଷ୍ଠିତ ଆଇଟି କମ୍ପାନୀ ଡେଲୋଏଟ ଭୁବନେଶ୍ୱରରେ ବୃହତ ଟେକ୍ନୋଲୋଜି ସେଂଟର ଖୋଲିବାକୁ ଯାଉଛି ।ଏହି କ୍ରମରେ ଶୁକ୍ରବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଡେଲୋଏଟର ଗ୍ଲୋବାଲ ସିଇଓ ପୁନିତ ରେନଜେନ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ପୂର୍ବ ଅନୁରୋଧକୁ ରକ୍ଷା କରି ଡେଲୋଏଟ ଭୁବନେଶ୍ୱର ଓ କୋଏମ୍ବାଟୁର ଠାରେ ଏକ ବୃହତ ଟେକ୍ନୋଲୋଜି ସେଣ୍ଟର ଆରମ୍ଭ କରିବା ପାଇଁ ଯାଉଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିବା ସହ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଡେଲୋଏଟର ଏହି ପଦକ୍ଷେପ ଯୁବବର୍ଗଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବା ସହ ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶର ଇକୋସିଷ୍ଟମକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ଏହି ଅବସରରେ ଡେଲୋଏଟର ଗ୍ଲୋବାଲ ସିଇଓ ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ମଧ୍ୟରେ ଭାରତରେ ଥିବା ଅମାପ ପ୍ରତିଭାର ସମ୍ପୂର୍ଣ୍ଣ ଉପଯୋଗ କରିବା ଉପରେ ଆଲୋଚନା ହୋଇଥିଲା । ସେହିପରି ଗ୍ରାମାଞ୍ଚଳରେ ଥିବା ଯୁବପିଢ଼ିଙ୍କ ପାଇଁ ସୁଯୋଗ ତିଆରି କରିବା ଏବଂ ଡିଜିଟାଲ ଅର୍ଥନୀତିରେ ଦେଶ ଦ୍ରୁତ ଗତିରେ ଅଗ୍ରସର ହେବା ଦିଗରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ଭାରତ ପ୍ରତି ପୁନିତି ରେନଜେନଙ୍କ ପ୍ରତିବଦ୍ଧତା ଏବଂ ଭାରତରେ ଥିବା ସମ୍ଭାବନା ତଥା ପ୍ରତିଭାଙ୍କୁ ଅନ୍ୱେଷଣ କରିବାରେ ଡେଲୋଏଟର ପଦକ୍ଷେପ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

## କିସ୍‌ର ୩ ଛାତ୍ରୀଛାତ୍ର ପାଇଲେ ଓସିଏସ୍



ଭୁବନେଶ୍ୱର,୭।୧୦(ପି.ଏନ): ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ଫଳ ୨୦୨୦ ଆଜି ପ୍ରକାଶ ପାଇଛି। ଏଥିରେ କିସ୍‌ର ୩ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ରାଇମାତ ଟୁଡୁ, ମଣ୍ଟୁ ଖମାରୀ ଓ ନୀଳମାଧବ ପାତ୍ର। ରାଇମାତ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ବେଳେ ମଣ୍ଟୁ ବଲାଙ୍ଗୀର ଓ ନୀଳମାଧବ କଳାହାଣ୍ଡି ଜିଲ୍ଲାରୁ ଆସି କିସ୍‌ରେ ପଢୁଥିଲେ। ଚଳିତବର୍ଷ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ମୋଟ ୩୯୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ କିସ୍‌ର ୩ଜଣ ଛାତ୍ରଛାତ୍ରୀ ରହିଛନ୍ତି। କିସ୍‌ର ୩ ଜଣ ଛାତ୍ରଛାତ୍ରୀ ଓଏଏସ୍ ପାଇଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିସ୍‌ରେ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଯନ୍ ନିଆଯାଉଥିବାରୁ ସେମାନେ ସର୍ବଦା ଶିକ୍ଷା, କ୍ରୀଡ଼ା ସହ ବିଭିନ୍ନ ସରକାରୀ ଓ ଜାତୀୟ ତଥା ବହୁଜାତୀୟ କମ୍ପାନୀରେ ନିଯୁକ୍ତି ପାଇବାରେ ସଫଳ ହୋଇ ଆସୁଛନ୍ତି। ଏହି ଖବରରେ କିସ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

## ଧାମନଗର ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି : ୨୫୨ ବୁଥ୍ ରେ ହେବ ଭୋଟ୍ ଗ୍ରହଣ

ଭୁବନେଶ୍ୱର, ୭।୧୦(ପି.ଏନ): ଧାମନଗର ଉପନିର୍ବାଚନ ନେଇ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।ଏଥିସହ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ନଭେମ୍ବର ୩ ତାରିଖରେ ଏହି ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୧୪ରେ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ରହିଛି । ସେହିପରି ଅକ୍ଟୋବର ୧୫ ତାରିଖ (ଶନିବାର) ନାମାଙ୍କନ ପତ୍ର ଯାଂଚ ହେବ। ଅକ୍ଟୋବର ୧୭ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୩ ତାରିଖ (ଗୁରୁବାର) ଭୋଟ ଗ୍ରହଣ କରାଯିବ। ସେହିପରି ନଭେମ୍ବର ୬ ତାରିଖରେ ଭୋଟଗଣତି ଓ ୨୦୨୨ ନଭେମ୍ବର ୮ ତାରିଖ (ମଙ୍ଗଳବାର) ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡିଛି। ଭୋଟ୍ ଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଉପନିର୍ବାଚନରେ ମୋଟ୍ ୨୫୨ ଟି ବୁଥ୍ ରେ ଭୋଟ ଗ୍ରହଣ ହେବ। ଧାମନଗରରେ ମୋଟ ୨ ଲକ୍ଷ ୩୮ ହଜାର ୩୬୦ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୩ ହଜାର ୧୩ ପୁରୁଷ ଓ ୧ ଲକ୍ଷ ୧୫ ହଜାର ୩୧୪ ମହିଳା ଭୋଟର ରହିଛନ୍ତି। ଏହା ବ୍ୟତୀତ ୪୯୫୬ ଦିବ୍ୟାଙ୍ଗ ଓ ୭୨୦୬ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ନିର୍ବାଚନ ମଣ୍ଡଳୀରେ ସର୍ଭିସ୍ ଭୋଟରଙ୍କ ସଂଖ୍ୟା ହେଉଛି ୪୫୬। ଗତ ଜାନୁଆରୀ-୨୦୨୨ରେ ପ୍ରକାଶ ହୋଇଥିବା ଚୂଡ଼ାନ୍ତ ଭୋଟର ତାଲିକା ଏବେ ମଧ୍ୟ ନବୀକରଣ ହେଉଛି । ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳରେ ଥିବା ଯୋଗ୍ୟ ନିର୍ବାଚକମାନେ ଯେଉଁମାନଙ୍କର ନାମ ଭୋଟର ତାଲିକାରେ ନାହିଁ ସେମାନେ ମଧ୍ୟ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଅର୍ଥାତ୍ ଅକ୍ଟୋବର ୧୪ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଦରଜ କରିବା ପାଇଁ ଆବେଦନ କରିବା ସହ ତଥ୍ୟ ସଂଶୋଧନ ପାଇଁ ଆବେଦନ କରିପାରିବେ। ଧାମନଗର ଉପନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ୍ ଓ ଭିଭିପ୍ୟାଟ୍ ମେସିନ୍ ମହଜୁଦ୍ ରହିଛି ଓ ପ୍ରଥମ ପର୍ଯ୍ୟାୟ ତନଖି କାର୍ଯ୍ୟ ଆସନ୍ତାକାଲିଠାରୁ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ବର୍ତ୍ତମାନ ୫୦୪ ଗୋଟି ବାଲାଟ୍ ୟୁନିଟ୍, ୫୦୪ଟି କଂଟ୍ରୋଲ ୟୁନିଟ୍ ଓ ୫୦୪ ଗୋଟି ଭିଭିପ୍ୟାଟ୍ ଜିଲ୍ଲା ପ୍ରଶାସନ ନିକଟରେ ମହଜୁଦ୍ ଅଛି, ଯାହାକି ଉପନିର୍ବାଚନରେ ବ୍ୟବହାର କରାଯିବ । ଉପନିର୍ବାଚନ ସମୟରେ ଯଦି କୋଭିଡ୍ -୧୯ର ପ୍ରଭାବ ଥାଏ, ତାହାହେଲେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍ ନିର୍ଦ୍ଦେଶାବଳୀ ଅନୁସାରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗ ଭୋଟର ଯେଉଁମାନେ ଘରେ ରହି ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ଉପନିର୍ବାଚନରେ ମତଦାନ କରିବାକୁ ଚାହିଁବେ ସେମାନେ ପ୍ରଥମେ ୧୨(ଘ) ଫର୍ମ ପୂରଣ କରି ପସନ୍ଦ କରି ସଂପୃକ୍ତ ରିଟର୍ଣ୍ଣିଂ ଅଧିକାରୀଙ୍କୁ ପ୍ରଦାନ କରିବେ। ସେମାନଙ୍କ ଲାଗି ରିଟର୍ଣ୍ଣିଂ ଅଧିକାରୀ ଏକ ତାଲିକା ପ୍ରସ୍ତୁତ କରି ଭୋଟର ତାଲିକାରେ ଚିହ୍ନଟ କରିବେ। ପରେ ପରେ ସେମାନଙ୍କୁ ପୋଷ୍ଟାଲ ବାଲାଟ୍ ଯୋଗାଇ ଦିଆଯିବ ।

## 'କ୍ୟୁଟ୍' ଲେଡି ବ୍ଲାକମେଲର୍: ଚଢ଼ୁଥିଲା ଦାମୀ ଗାଡି, କରୁଥିଲା ମଉଜ



ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱର 'କ୍ୟୁଟ୍' ଲେଡି ବ୍ଲାକ୍‌ମେଲ୍‌ର। ଆକର୍ଷଣୀୟ ଚେହେରା ସାଙ୍ଗକୁ ହସହସ ମୁହଁ। ଆଉ ତାଙ୍କର ସେହି ସ୍ମିତ ହାସ୍ୟରେ ଫସିଛନ୍ତି ଫିଲ୍ମ ପ୍ରଯୋଜକ, ବିଲଡର ଓ ନେତାଠୁ ଆରମ୍ଭ କରି କେତେ କିଏ। ଯିଏ ଥରେ ଫସିଛି, ସିଏ ଆଉ ବାହାରି ପାରିନି ଲେଡି 'କ୍ୟୁଟ୍' ବ୍ଲାକମେଲରଙ୍କ ପଞ୍ଝାରୁ। ସେ ବ୍ଲାକ୍‌ମେଲିଂ କରି ଆଦାୟ କରୁଥିଲା ଟଙ୍କା। ଆଉ ସେହି ଟଙ୍କାରେ ଶୌଖୀନ ଲାଇଫ୍ ଷ୍ଟାଇଲ୍ ବିତାଉଥିଲା 'କ୍ୟୁଟ୍' ଲେଡି ବ୍ଲାକମେଲର୍। 'କ୍ୟୁଟ୍' ଲେଡି ବ୍ଲାକମେଲ୍‌ର ରାଜଧାନୀରେ ତିଆରି କରିଥିଲା ଆଲିସାନ୍ ଘର। ଆଉ ସେହି ଘରେ ରହିଛି ଆଖି ଝୋସି ହୋଇଗଲା ଭଳି ଆସବାବପତ୍ର। ଲକ୍ଷାଧିକ ଟଙ୍କାର ପଲଙ୍କ, ସୋଫା ଆଉ ଫର୍ଣ୍ଣିଚର ରହିଛି। ଲେଡି ବ୍ଲାକମେଲ୍‌ରଙ୍କ ପାଖରେ ଖାଲି ଘର ନୁହେଁ, ବିଳାସପୂର୍ଣ୍ଣ ଗାଡି ମଧ୍ୟ ରହିଛି। ମାଡାମ ଚଢ଼ୁଥିଲେ ଦାମୀ ଗାଡି। ତାଙ୍କ ପାଖରେ ରହିଛି ଏକାଧିକ ଲଗଜୁରି କାର୍। ବିଏମଡବ୍ଲୁ, ଫର୍ଡ ଏଣ୍ଡେଭର, ସୁଜୁକି ସ୍ୱିଫ୍ଟ, ଓ ମହିନ୍ଦ୍ରା ଥର୍ ଭଳି ଅନେକ କାର। ତାଙ୍କ ପାଖରେ ହାର୍ଲି ଡେଭିଡସନ ବାଇକ୍ ମଧ୍ୟ ରହିଛି। ମାଡାମ୍‌ଙ୍କ ପାଖରେ ଘୋଡା, ନଖରାରେ ଫାର୍ମ ହାଉସ ଓ କାର୍ ସୋରୁମ୍ ରହିଥିବା ଜଣାପଡିଛି ।ତେବେ ଏଠି ପ୍ରଶ୍ନ ଉଠୁଛୁ ଲେଡି ବ୍ଲାକମେଲର କେମିତି ନିଜର ମାୟା ଜାଲ୍‌ରେ ଫସାଉଥିଲେ ବଡବଡିଆଙ୍କୁ ଶୁଣିବାକୁ ମିଳୁଛି ମାଡାମ ପ୍ରଥମରେ ବିଭିନ୍ନ ସୋଶାଲ୍ ମିଡିଆରେ ବନ୍ଧୁତା କରୁଥିଲେ। ତା'ପରେ ମିଠା ମିଠା କଥା କହି ସେମାନଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ପରେ ବିଭିନ୍ନ ବାହାନା କରି ନିଜ ଇନ୍ଦ୍ର ମହଲ୍ ପରି କରିଥିବା ଘରକୁ ଡାକୁଥିଲେ। କଥା ହେବା ବାହାନାରେ ଘରେ ଖଞ୍ଜିଥିବା ଗୁପ୍ତ କ୍ୟାମେରାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଶୁଟିଂ କରୁଥିଲେ। ଆଉ ତା'ପରେ ଖେଳ ଆରମ୍ଭ କରୁଥିଲେ 'କ୍ୟୁଟ୍' ଲେଡି ବ୍ଲାକମେଲର। ଭିଡିଓ ଦେଖାଇ କରୁଥିଲେ ବ୍ଲାକମେଲିଂ।

## ୧୯୨୩.୬୦ କୋଟିର ୧୦ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ଅନୁମୋଦନ : ସୃଷ୍ଟି ହେବ ୫୧୭୦ ନିଯୁକ୍ତି

ଭୁବନେଶ୍ୱର,୭।୧୦(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୧୦ ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି। ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୧୯୨୩.୬୦ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୫୧୭୦ ଜଣଙ୍କ ନିମନ୍ତେ ପ୍ରତକ୍ଷ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ ଓ ଆର୍ଥିକ ଦକ୍ଷତା ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ ଯେ ପ୍ରକଳ୍ପ ଗୁଡିକ ମୁଖ୍ୟତଃ ଆଲୁମିନିଅମ୍ ଓ ଷ୍ଟିଲ୍ ଡ଼ାଉନଷ୍ଟ୍ରିମ୍, ଅଣପାରମ୍ପରିକ ଶକ୍ତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କୃଷି ଉତ୍ପାଦ ଓ ଖାଦ୍ୟ ପ୍ରକ୍ରିୟାକରଣ, ତୈଳ ଓ ଗ୍ୟାସ୍, ବୈଦ୍ୟୁତିକ ପଦାର୍ଥ ଉତ୍ପାଦନ, ଭିତିଭୂମି, ପର୍ଯ୍ୟଟନ, ବୈଷୟିକ ବୟନ, ରସାୟନ ଏବଂ ମାନୁଫାକ୍ଚରିଂ ସେକ୍ଟର ଅନ୍ତର୍ଭୁକ୍ତ । ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ। ପ୍ରକଳ୍ପ ଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ସମୟାନୁବନ୍ଧିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱ ଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ପ୍ରକାର ଶିଳ୍ପ ପାଇଁ ଆବଶ୍ୟକୀୟ ଜମି ଓ ଜଳର ସଠିକ୍ ଅନୁଶୀଳନ କରି ତଦନୁଯାୟୀ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପାନୁଷ୍ଠାନମାନେ ଯେପରି ବର୍ଜ୍ୟବସ୍ତୁ ଏବଂ ଉତ୍ପାଦନ-ଜାତି ପ୍ରଦ୍ୟୁଷକ ପଦାର୍ଥର ପରିଚାଳନା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବେ ତାହା ନିଶ୍ଚିତ କରାଇବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ନିୟମିତ ସମୀକ୍ଷା ଓ ତଦାରଖ ମାଧ୍ୟମରେ ଏହା କଡାକଡି ଭାବେ ଲାଗୁ କରିବା ପାଇଁ ମୁଖ୍ୟ ଶାସନ ସଚିବ ଇପିକଲ୍‌ଙ୍କ ସହ ସଂପୃକ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସବୁ ଶିଳ୍ପାନୁଷ୍ଠାନରେ ଓଡ଼ିଶା କୌଶଳ ପ୍ରାପ୍ତ(ସ୍କିଲ୍ଡ ଇନ୍ ଓଡିଶା) ଯୁବକଯୁବତୀମାନଙ୍କର ନିଯୁକ୍ତି ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଶ୍ରମ ଓ ଇ.ଏସ୍.ଆଇ ପ୍ରମୁଖ ଶାସନ ସଚିବ ଶ୍ରୀମତି ଚିତ୍ରା ଅରୁମୁଗମ୍, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାସ୍ତାକଡ ଦୋକାନୀଙ୍କ ପାଇଁ ଗାଇଡଲାଇନ୍



ଭୁବନେଶ୍ୱର ,୭।୧୦(ପି.ଏନ): ଭୁବନେଶ୍ୱରରେ ରାସ୍ତାକଡ଼ରେ ଖାଦ୍ୟ ବିକ୍ରି କରୁଥିବା ଦୋକାନୀମାନଙ୍କ ପାଇଁ ଗାଇଡ୍ ଲାଇନ୍ ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ଏକ ଆଦେଶନାମା ଜାରି ହୋଇଛି। ବିଏମ୍‌ସି ପକ୍ଷରୁ ଖାଦ୍ୟ ଦୋକାନୀ ଓ ସେମାନଙ୍କର ସଂଗଠନ ପାଇଁ ଗାଇଡ ଲାଇନ୍ ଜାରି କରିଛି ।ଆଦେଶାନୁସାରେ ରାସ୍ତାଉପରେ, ଫୁଟ୍‌ପାଥ ଏବଂ ଡ୍ରେନ୍ ଉପରେ ଖାଦ୍ୟ ଦୋକାନ ରହିବ ନାହିଁ। ଗ୍ରାହକଙ୍କ ଗାଡ଼ି ରଖିବା ପାଇଁ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା ନ ଥିବାସ୍ଥାନରେ ଖାଦ୍ୟ ଦୋକାନୀ ବିକି ପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ପାର୍ସଲ ଦେଇପାରିବେ। ଅଥବା ଅନ୍‌ଲାଇନ୍ ଡେଲିଭରି କରିପାରିବେ ।ବିଏମ୍‌ସିର ଗାଇଡଲାଇନ୍ ଅନୁସାରେ ରାସ୍ତାକଡ଼ରେ ଖାଦ୍ୟ ଦେକାନ ପରିଚାଳନ ପାଇଁ ଖାଦ୍ୟ ଦୋକାନୀଙ୍କୁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ହେବ ଏବଂ ପାର୍କିଂ ସ୍ଥାନ ଥିବା ଦରକାର। ସେହିଭଳି ଖାଦ୍ୟ ଦୋକାନରେ କାମ କରୁଥିବା ବ୍ୟକ୍ତି ପରିଷ୍କାର ପୋଷାକ ପିନ୍ଧିବା (ମୁଣ୍ଡ ଟୋପି, ସଫା ଆପ୍ରନ, ହ୍ୟାଣ୍ଡ ଗ୍ଲୋଭ୍‌ସ ଏବଂ ଫେସ୍ ମାସ୍କ) ଆବଶ୍ୟକ।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଅଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଓ ସଂବର୍ଦ୍ଧନା ପର୍ବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ଓ ପତ୍ରିକା ଉନ୍ମୋଚନ ପର୍ବ ୪ ତାରିଖରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଯୋଗଦେଇ ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଅବର୍ଣ୍ଣନୀୟ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ମଣିଷକୁ ଦୁଃଖ ସହିବାର ଶକ୍ତି ସାହିତ୍ୟ ଯୋଗାଏ ଓ ସୁଖର ସ୍ୱାଦ ବି ଚଖାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ସାହିତ୍ୟ ଓ ମଣିଷ ପରସ୍ପର ପରିପୂରକ ଓ ମଣିଷ ଜୀବନରେ ସାହିତ୍ୟ ହିଁ ଅନ୍ତରଙ୍ଗ ବଂଧୁ ବୋଲି ମତବ୍ୟକ୍ତ କରିଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ମଂଚ ଆମନ୍ତ୍ରଣ କରିଥିବାବେଳେ ପ୍ରୀତିପ୍ରିୟା ରାୟ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଉତ୍ସବ ଉପଲକ୍ଷେ ପ୍ରକାଶିତ ଗଙ୍ଗଶିଉଳି ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକା ସଂପର୍କରେ ଡ. ରାଜକିଶୋର ପାଢ଼ୀ ସୂଚନା ଦେଇଥିଲେ। ଏହି ଅବସରରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ କବୟିତ୍ରୀ ବିଦ୍ୟୁତ୍‌ଲତା ଦାସଙ୍କୁ, ବୀରକିଶୋର ପାଢ଼ୀ ଶିଶୁ ସାହିତ୍ୟ ସମ୍ମାନ ଡକ୍ଟର ସୁନାମଣି ରାଉତଙ୍କୁ, ବାବାଜିଚରଣ ନାୟକ ସ୍ମୃତି ସମ୍ମାନ କୃଷକନେତା ବସନ୍ତ କୁମାର ପରିଡ଼ାଙ୍କୁ ଓ ସୌଗନ୍ଧିକା ସମ୍ମାନ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ପାଳଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଗଣେଶ୍ୱର ବେହେରା, ଯୁଗଳ କିଶୋର ଦାସ, ପ୍ରତିଭା ମଂଜରୀ ଦାଶ ପାଠ କରିଥିଲେ। ପରେପରେ ଅତିଥିମାନଙ୍କୁ କାହ୍ନୁଚରଣ ଦାଶ, ଡାକ୍ତର ବିଜୟ କୁମାର ଶତପଥୀ, ଯୁଧିଷ୍ଠିର ସ୍ୱାଇଁ, ନବଘନ ଜେନା ଉପଢୌକନ ପ୍ରଦାନ କରି ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ କରିଥିଲେ। ସଂବର୍ଦ୍ଧିତ ଅତିଥିମାନେ ସଂବର୍ଦ୍ଧନାର ଉତ୍ତର ଦେଇଥିଲେ। ଏହି ଅବସରରେ ଡକ୍ଟର ଭବାନୀ କିଙ୍କର ସାହୁଙ୍କ ପ୍ରବଂଧ ପୁସ୍ତକ 'ସମୀକ୍ଷା ଦିଗନ୍ତ', ରବି ଶତପଥୀଙ୍କ ପ୍ରବଂଧ ପୁସ୍ତକ 'କାଲି ଓ ଆଜି', ମନୋରଂଜନ ମହାନ୍ତିଙ୍କ ପୁସ୍ତକ 'ଭାବ ବିଭବ', ଗୋଲକ ଚନ୍ଦ୍ର ପଲେଇଙ୍କ ପୁସ୍ତକ 'ସେବାର କାହାଣୀ' ଲୋକାର୍ପିତ ହୋଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

# କାକଟପୁର ମା'ମଙ୍ଗଳାଙ୍କ ପୀଠର ଉନ୍ନତି ପାଇଁ ୫-ଟି ସଚିବଙ୍କୁ ଦାବୀପତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍)- ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଶ୍ରୀକ୍ଷେତ୍ରରୁ ପ୍ରଥମତଃ ବନଯାଗ ଯାତ୍ରୀମାନେ ଦାରୁ ନିର୍ଣ୍ଣୟ ପାଇଁ ମା' ମଙ୍ଗଳାଙ୍କୁ ତପସ୍ୟା କରନ୍ତି। ଜଗନ୍ନାଥ ସଂସ୍କୃତି ସହିତ ମା'ମଙ୍ଗଳାଙ୍କ ପରମ୍ପରା ଓ ସଂସ୍କୃତି ଅଙ୍ଗାଙ୍ଗି ଭାବେ ଜଡ଼ିତ। କିନ୍ତୁ ମା'ମଙ୍ଗଳାଙ୍କ ପୀଠର ଯେଉଁଭଳି ବିକାଶ କରାଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଯାହାଫଳରେ ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ବାରମ୍ବାର ଦାବୀ ସତ୍ତ୍ୱେ ମନ୍ଦିରର ଯେଉଁ ମୁଖ୍ୟ ସମସ୍ୟାଗୁଡ଼ିକ ରହିଛି ତାହା ମଧ୍ୟ ସମାଧାନ ହେଉନାହିଁ। ମା'ଙ୍କ ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ସାମାଜିକ କଲ୍ୟାଣ ପାଇଁ ବିଶେଷ ବ୍ୟବସ୍ଥା ନାହିଁ ବୋଲି ମଧ୍ୟ ସେ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ମାସ ୨୮ ତାରିଖ ଦିନ ଶ୍ରୀ ପଟ୍ଟନାୟକ ମା'ମଙ୍ଗଳାଙ୍କ ପୀଠର ସାମଗ୍ରିକ ବିକାଶ ପାଇଁ ଏକ ୧୫ ଦଫା ସମ୍ବଳିତ ଦାବୀପତ୍ର ଓଡ଼ିଶା ସରକାରଙ୍କ ୫-ଟି ସଚିବଙ୍କ ନିକଟକୁ ପଠାଇଛନ୍ତି। ଦାବୀଗୁଡ଼ିକ ମଧ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ମନ୍ଦିର ଗର୍ଭଗୃହ, ମନ୍ଦିର ଭିତର ପଥର ସୋଲିଙ୍ଗ ଓ ସିଂହଦ୍ୱାରର ସ୍ଥାୟୀ ମରାମତି କରାଯାଉ, ମନ୍ଦିରରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ଓ ପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଘଣ୍ଟଘୋଡା ଚୂଡ଼ର ପୁନରୁଦ୍ଧାର, ପରିଷ୍କାର ପରିଚ୍ଛନ୍ନତା ଓ ବିଶେଷ ସୁରକ୍ଷା, ଭୁବନେଶ୍ୱର ଓ ପୁରୀରୁ କାକଟପୁର ମଙ୍ଗଳାଙ୍କ ପୀଠକୁ ଶୀତତାପ ନିୟନ୍ତ୍ରିତ ମୋ ବସ୍ ଯାତାୟାତର ବ୍ୟବସ୍ଥା କରାଯାଉ, କାକଟପୁର ମୁଖ୍ୟ ରାସ୍ତାଠାରୁ ମନ୍ଦିର ଦୁଇ ପାର୍ଶ୍ୱରେ ସୌନ୍ଦର୍ଯ୍ୟ ବିଦ୍ୟୁତକରଣ, ମନ୍ଦିର ନିକଟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପନ, ମନ୍ଦିରର ପାର୍ଶ୍ୱରେ ସ୍ଥାୟୀ ପକ୍କା ପଦପ୍ରକ୍ଷାଳନର ବ୍ୟବସ୍ଥା, ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ପାଇଁ ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମର ବ୍ୟବସ୍ଥା, ବେଦ ଅଧ୍ୟୟନ ପାଇଁ ଏକ ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ସେବାୟତମାନଙ୍କ ପାଇଁ ଏକ ବିଶ୍ରାମାଗାର ନିର୍ମାଣ, ପାର୍କିଂସ୍ଥଳୀର ବିକାଶ, ଲାଇଟିଂ, ଭକ୍ତମାନଙ୍କ ସୁବିଧା ପାଇଁ ଏଠାରେ ଶୌଚାଳୟ ନିର୍ମାଣ, ପ୍ରସିଦ୍ଧ ମା'ମଙ୍ଗଳାଙ୍କ ପୀଠ ଓ ଜନସଂଖ୍ୟା ଦୃଷ୍ଟିରୁ କାକଟପୁରକୁ ଏନ୍.ଏ.ସି ଘୋଷଣା, ପ୍ରାଚୀନଦୀର ପରିଷ୍କାର ପରିଚ୍ଛନ୍ନତା ଓ ଚିରସ୍ରୋତା ନଦୀ ଭାବରେ ପରିଣତ, ସେବାୟତମାନଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଆଦି ଉଲ୍ଲେଖ ରହିଛି।

## ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ବରିଷ୍ଠ କଂଗ୍ରେସ ନେତ୍ରୀ, ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାହିତ୍ୟିକା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଧର୍ମଶାଳା ଅଞ୍ଚଳର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ସାହିତ୍ୟିକ ବଟକୃଷ୍ଣ ଓଝା, ଡ. ଜଗନ୍ନାଥ ଜେନା, ଡ. ନୃସିଂହ ଚରଣ ସାହୁ, ଡ. ପ୍ରିୟନାଥ ମହାପାତ୍ର, ଡ. ଗୌତମ ଜେନା, ଡ. ମହେଶ୍ୱର ଜେନାସାମନ୍ତ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ଡ. ତୁହିନାଂଶୁ ରଥ, ଡ. ଇନ୍ଦୁପ୍ରଭା ସାମଲ, ଡ. ସୁମନ କଲ୍ୟାଣ ବେହେରା, ନବଘନ ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ଦୁର୍ଗା ପ୍ରସନ୍ନ ଦାଶ, ବାମଦେବ ପାଢ଼ୀ, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ସ୍ତମ୍ଭକାର ମନୋରଂଜନ ମହାନ୍ତି, ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁ ଚରଣ ଦାଶ, ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ସୁନାକର ସାହୁ, ବ୍ରଜକିଶୋର ଦାଶ, ଅର୍ଜୁନ ପୃଷ୍ଟି, ପ୍ରଶାନ୍ତ କୁମାର ସାହୁ, ସଂଗ୍ରାମ କେଶରୀ ଜେନା, ରାଧାଶ୍ୟାମ ସାହୁ, ଗୋଲକ ଚନ୍ଦ୍ର ପଲେଇ, ଅଖିଳ କୁମାର ସ୍ୱାଇଁ, ବିଜୟ କୁମାର ନାୟକ, ଦେବବ୍ରତ ରାଉତ, ଅଜୟ ଖୁଣ୍ଟିଆ, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, କୃଷକନେତା ବସନ୍ତ କୁମାର ପରିଡ଼ା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ପାତ୍ର, ଆଦିକନ୍ଦ ସ୍ୱାଇଁ, ଅନନ୍ତ ଚରଣ ସ୍ୱାଇଁ, ପ୍ରସନ୍ନ କୁମାର କର, ରବି ନାରାୟଣ କର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ବିବେକାନନ୍ଦ ରାୟ, ପ୍ରତିଭା ମଂଜରୀ ଦାଶ, ସବିତା ମିଶ୍ର, ପଦ୍ମଜା ଶରଣ, ସସ୍ମିତା ଦାଶ, ପ୍ରେମଲତା ମହାରଣା, ସରୋଜିନୀ ପଣ୍ଡା, ପ୍ରଭାସ ଚନ୍ଦ୍ର ଚୋଲ, ସୁବାଷ ଚନ୍ଦ୍ର ସାହୁ, ସୁନାକର ଦାସ, ସ୍ୱରାଜ ପାଣି, ସୌଭାଗ୍ୟ ରାଉତ, ଦେବେନ୍ଦ୍ର ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସରଂଜନ କର, କଂଗ୍ରେସ ନେତା ମିହିର କୁମାର ଖୁଣ୍ଟିଆ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, ଦେବପ୍ରସାଦ ରାୟ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ହଦଗଡ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ପାଟ୍ରୋଲିଙ୍ଗ୍

ଆନନ୍ଦପୁର (ପିଏନ୍):ଆନନ୍ଦପୁର ବନଖଣ୍ଡ ଅଧିନସ୍ଥ ହଦଗଡରେ ଏକ ସଚେତନତା ଜଙ୍ଗଲ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ହଦଗଡ ଅଭୟାରଣ୍ୟ ବେଶ୍ ପରିଚିତ। ଏହାର ସୁରକ୍ଷା ଓ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ହଦଗଡରେ ଅଫିସର ନେତୃତ୍ୱରେ ହଦଗଡ ଅଭୟାରଣ୍ୟର ଜଙ୍ଗଲ ସୁରକ୍ଷା ନିମନ୍ତେ ରେଂଜ ଅଫିସର ସୁମିତ ମହାନ୍ତିଙ୍କ ନେତୃତ୍ୱରେ ଏକ ଅଭିନବ କାର୍ଯ୍ୟକ୍ରମ ଆଗକୁ ନେଇଥିବା ବେଳେ ଜୀବଜନ୍ତୁଙ୍କ ଜୀବନ ସୁରକ୍ଷା ଏବଂ ଜଙ୍ଗଲ ନଷ୍ଟ ନକରିବା, ଅବାଧରେ ଜୀବଜନ୍ତୁଙ୍କୁ ଶିକାର ନକରିବା ଦିଗରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅଭୟାରଣ୍ୟର ସୌନ୍ଦର୍ଯ୍ୟକରଣ ନିମନ୍ତେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏଥିରେ ବନବିଭାଗର ଅନନ୍ତ ଚରଣ ପରିଡା, ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ, ଫରେଷ୍ଟର ଦିନେଶ ମାଝୀ, ଫରେଷ୍ଟ ଗାର୍ଡ ରଶ୍ମିରଂଜନ ରାଉତ ଓ ବନ ବିଭାଗର ସମସ୍ତ ଗାର୍ଡମାନେ ରାଲିକୁ ସହଯୋଗ କରିଥିଲେ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ତରଫରୁ କୁକୁଡ଼ା ଓ କୁକୁଡ଼ା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ସ୍ୱାଧିନତାର ୭୫ତମ ବାର୍ଷିକୀ ଅମୃତ ମହୋତ୍ସବ ଉପଲକ୍ଷେ ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଓ କାଶୀପୁର ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ୮୦ ଜଣ ଗରୀବ ଜନଜାତି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆତ୍ମନିର୍ଭରଶୀଳ କରି ଜୀବିକା ନିର୍ବାହ କରିବା ସକାଶେ ପ୍ରତ୍ୟେକଙ୍କୁ ୨୦ଟି କୁକୁଡ଼ା ଓ ୬୦ କେଜି କୁକୁଡ଼ା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, କେନ୍ଦେଇପଶି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ହିତାଧିକାରୀମାନଙ୍କୁ କୁକୁଡ଼ା ଓ କୁକୁଡ଼ା ଖାଦ୍ୟ ବଣ୍ଟନ କରିଥିଲେ। ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ସଭାରେ ଆଇଟିଡିଏର ଏସ୍‌ଏସ୍‌ଏସ୍ ଓ ଲାଇଭଲି ହୁଡ ଏକ୍ସପର୍ଟ ମଧ୍ୟ ଯୋଗ ଦେଇଥିଲେ।

## ନାରୀ ସଶକ୍ତିକରଣ ପାଠଚକ୍ର ଏବଂ ବୁଦ୍ଧ ଉଦ୍ୟାନ ଉଦ୍‌ଘାଟନ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଗ୍ରନ୍ଥାଗାର ଭବନରେ ନାରୀ ସଶକ୍ତିକରଣ ପାଠଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ମେଜର ଡ. ଦିଲ୍ଲୀପ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ଗାୟତ୍ରୀ ପରିବାରର ହେମନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧକ୍ଷ, ଅଧାପିକା, କର୍ମଚାରୀ ଯୋଗ ଦେଇଥିଲେ। ତତ୍‌ପରେ ଅଧକ୍ଷ ଡ. ଦାଶ ମହାବିଦ୍ୟାଳୟ ପରିସରରେ ବୁଦ୍ଧ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ।

# ଓଡ଼ିଶାରେ କେମିତି ଚାଲିଛି ନିର୍ମାଣ କାର୍ଯ୍ୟ !

**ଶରତ କୁମାର ରାଉତ**



ସଂପ୍ରତି ଓଡ଼ିଶାରେ ରାସ୍ତାଘାଟ ସମସ୍ୟା ସୁଧୁରି ଗଲାଣି। ମାତ୍ର ଅଳ୍ପ କେତେକ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଏତେଟା ସୁଧୁରି ପାରିନାହିଁ। କେତେକ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ଅଳ୍ପ କେତେକ ନିର୍ମାଣାଧୀନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯଦ୍ୱାରା ମୁଖ୍ୟତଃ ଆଦିବାସୀବହୁଳ ଅଂଚଳରେ ଲକ୍ଷ ଲକ୍ଷ ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଓଡ଼ିଶାକୁ ଅତ୍ୟାଧୁନିକ ମନୋରମ ରାଜ୍ୟରେ ପରିଣତ କରିବାରେ ନିର୍ମାଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଲଭ ଗମନାଗମନ ବ୍ୟବସ୍ଥା କୌଣସି ବିକଶିତ ରାଜ୍ୟ ବା ଦେଶର ମୁଖ୍ୟ ପରିଚୟ। ଏହା ମଧ୍ୟ ସାଧାରଣ ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ପରିବର୍ତ୍ତନରେ ସହାୟକ ହୋଇଥାଏ। ହୁଏତ ଏହାକୁ ଦୃଷ୍ଟିରେ ରଖି ୧୧/୧୨ବର୍ଷ ତଳୁ ରାସ୍ତାଘାଟ, କୋଠାବାଡ଼ି, ସେତୁ ଓ ଓଭର୍ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ରାଜ୍ୟର ପ୍ରାୟ ସମସ୍ତ ୫୬ଟି ପୂର୍ତ୍ତ ଡ଼ିଭିଜନ୍ ସକ୍ରିୟ ରହିଛି। ମୁଖ୍ୟତଃ ନିର୍ମାଣ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ଅଂଚଳର କେତୋଟି ଡ଼ିଭିଜନ୍ ଗତ ୫ ବର୍ଷ ଭିତରେ ଧାର୍ଯ୍ୟଲକ୍ଷ୍ୟ ସଫଳତା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ପୂର୍ବରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟଲକ୍ଷ୍ୟ ସମୟ ସୀମା ମଧ୍ୟରେ ଶେଷ ନହୋଇ ବହୁ ଅଧିକ ସମୟ ବ୍ୟୟ ହେଉଥିଲା। ଏପରିକି ମୁଖ୍ୟ ରାସ୍ତାଗୁଡ଼ିକର ମରାମତି ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡ଼େ କିମ୍ବା ନେତା ଓ ଅଫିସରମାନଙ୍କୁ ଗୁହାରି କରି ନୟାନ୍ତ ହେବାକୁ ପଡ଼େ। ମାତ୍ର ସମୟ ବଦଳିବା ସହ ଅବସ୍ଥାରେ ପରିବର୍ତ୍ତନ ହୋଇଛି। ଏବେ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ କରାଯାଇ ରାସ୍ତା ଓ ଅନ୍ୟାନ୍ୟ ସରକାରୀ କୋଠାବାଡ଼ିଗୁଡ଼ିକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ କରାଯାଉଛି।

ଇତିମଧ୍ୟରେ ଓଡ଼ିଶାରେ ନିର୍ମାଣ ଯୁଗ ଆରମ୍ଭ ହୋଇଥିବା କୁହାଯାଇପାରେ। ଦୀର୍ଘଦିନ ତଳୁ ସରକାରୀ ନାଲିଫିତା ତଳେ ବାନ୍ଧି ହୋଇ ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓ ସେତୁ ପ୍ରକଳ୍ପ ଇତିମଧ୍ୟରେ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ସାରା ରାଜ୍ୟରେ ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଗ୍ରାମାଂଚଳ ଭିତିଭୂମି ବିକାଶ ଫଣ୍ଡ ଅଧୀନରେ ତଥା ନାବାର୍ଡ଼ ସହାୟତାରେ ରାଜ୍ୟରେ ୨୦୭ଟି ସଡ଼କ ପ୍ରକଳ୍ପ(୩୦୨୮କିମି) ଏବଂ ୧୪୬ଟି ସେତୁ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ 'ରିଭାଇଜଡ଼୍ ଲଙ୍ଗ ଟର୍ମ ଆକ୍ସନ୍ ପ୍ଲାନ୍' ଅନୁଯାୟୀ କେବିକେ ଅଂଚଳର ରାସ୍ତାଗୁଡ଼ିକ ନବୀକରଣ ସହ ନୂଆ ସେତୁ, ରାସ୍ତା, କଲଭର୍ଟ ଆଦି ନିର୍ମାଣ ହୋଇଛି। ରାଜ୍ୟର ତୀର୍ଥସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁବିଧା ପାଇଁ ୨୦୧୨-୧୩ରୁ ଆରମ୍ଭ ହୋଇଥିବା ସଡ଼କ ସଂଯୋଗୀକରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଏଥିପାଇଁ ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ ୧୧୪.୬୭ କୋଟି ଟଙ୍କାରେ ଅଧୁରା ରାସ୍ତା ଓ ସେତୁ ନିର୍ମାଣ ସହିତ ୪୦ଟି ଅନଗୋଇଙ୍ଗ୍ ରାସ୍ତା ନିର୍ମାଣ ହୋଇଛି ଏବଂ ୭୦ କିମି ରାସ୍ତାର ଉନ୍ନତିକରଣ କରାଯାଇଛି। ୧୨୧୯କିମି ଦୈର୍ଘ୍ୟ ବିଶିଷ୍ଟ ବିଜୟଓ୍ୱାଡ଼ା-ରାଂଚି ସଡ଼କ ପ୍ରକଳ୍ପ ମୁଖ୍ୟତଃ ଓଡ଼ିଶାର ନକ୍ସଲ ପ୍ରଭାବିତ ୧୩ଟି ଆଦିବାସୀ ଜିଲ୍ଲା (ଓଡ଼ିଶା ନିର୍ମାଣ ବିଭାଗ ଅଧୀନସ୍ଥ ୯୮୩.୭୦ କିମି) ଭିତର ଦେଇ ଲମ୍ବିଛି। ସଂପୃକ୍ତ ଦରିଦ୍ର ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯିବାର ଲକ୍ଷ୍ୟ ନେଇ ଉକ୍ତ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ୨୦୧୨-୧୩ ମସିହାରେ ଭାରତ ସରକାର ୧୦ଟି ସଡ଼କ ପ୍ରକଳ୍ପ ମଂଜୁରୀ କରିଥିଲେ, ଯାହାର ବ୍ୟୟ ଅଟକଳ ଥିଲା ୩୭୫.୨୫ କୋଟି ଟଙ୍କା। ଏହି ପ୍ରକଳ୍ପ ବ୍ୟୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧା-ଅଧା ଭାଗ ଅର୍ଥ ବହନ କରିବାର ଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୨୦୧୩-୧୪ ମସିହାରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ "ଷ୍ଟେଟ୍ ହାଇଓ୍ୱେ ଡ଼େଭେଲପ୍‌ମେଂଟ ପ୍ରୋଗ୍ରାମ"। ଏହି ପ୍ରୋଗ୍ରାମ ଅନ୍ତର୍ଗତ ୪୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କଟକ-ଚାନ୍ଦବାଲି ସଡ଼କ ପ୍ରକଳ୍ପ କାର୍ଯ୍ୟ ୨୦୧୭ରେ ସଂପୂର୍ଣ୍ଣ ହୋଇଥିଲା। ସେହିପରି ଢେଙ୍କାନାଳ, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଅଂଚଳର ୧୪ଟି ସଡ଼କ ପ୍ରକଳ୍ପ ୨୦୧୬-୧୭ରେ ସଂପୂର୍ଣ୍ଣ ହୋଇଛି। ସେଂଟ୍ରାଲ୍ ରୋଡ୍ ଫଣ୍ଡ୍ ସହାୟତାରେ ବ୍ରହ୍ମପୁର-ତପ୍ତପାଣି, (୪୧କିମି), ଭବାନୀପାଟଣା-ଖଡ଼ିଆଳ (୬୮କିମି), ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (୯୫କିମି) ଓ ଜଗତପୁର-ଚାନ୍ଦବାଲି (୧୦୬କିମି) ରାସ୍ତା କାର୍ଯ୍ୟକ୍ଷମ ହୋଇସାରିଛି। ୨୦୧୩-୧୪ରେ ରାଜ୍ୟ ସରକାର ମଧ୍ୟ ଏକ ନୂଆ ଯୋଜନା "ସହରାଞ୍ଚଳ ରାସ୍ତା ଉନ୍ନତିକରଣ" ଆରମ୍ଭ କରିଥିଲେ। କିଛିବର୍ଷ ତଳୁ ୧୨୪ଟି ରାସ୍ତା (୨୦୩.୦୯ କିମି)ର ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୧୯ଟି ପୌରାଂଚଳ ଓ ୧୮ଟି ବିଜ୍ଞାପିତ ଅଂଚଳ ପରିଷଦ ସାମିଲ୍ ଥିଲେ। ନାବାର୍ଡ଼ ସହାୟତାରେ ୧୪୨.୭୭ କୋଟି ଟଙ୍କା ବ୍ୟୟରେ ୨୦୧୩ ଡ଼ିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପିତ ହୋଇଥିବା କଟକ-ତ୍ରିଶୂଳିଆ ମହାନଦୀ ସେତୁ (୨.୫ କିମି ଦୈର୍ଘ୍ୟ) ୨୦୧୬ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ବଡ଼ମ୍ବା-ବାଙ୍କି ଅଂଚଳରେ ରାଜ୍ୟର ସବୁଠୁ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଇ ନିକଟରେ ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ୩.୪ କିମି ଦୈର୍ଘ୍ୟ ବିଶିଷ୍ଟ। ଏଥିଯୋଗୁ ସ୍ଥାନୀୟ ଅଂଚଳରେ ଗମନାଗମନର ବିକାଶ ସହ ପର୍ଯ୍ୟଟନ, କୃଷି, ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟର ଶହଶହ ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ଭଳି ସରକାରୀ ଗୃହ ଏବଂ ରାସ୍ତାଘାଟର ଉଚ୍ଚମାନର ମରାମତି କାର୍ଯ୍ୟ ଉଲ୍ଲେଖଯୋଗ୍ୟ। ଆବଶ୍ୟକତା ଅନୁଯାୟୀ ରାଜରାସ୍ତା ଓ ବିଭିନ୍ନ ସହରର ଅତି ଭିଡ ଟ୍ରାଫିକ୍‌ମାନଙ୍କରେ ଅତ୍ୟାଧୁନିକ ଓଭର ବ୍ରିଜ୍ ନିର୍ମିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ସେତୁ ନିର୍ମାଣାଧୀନ ରହିଛି ଓ ଆଉ କେତେକ ସେତୁ ନିର୍ମାଣର ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ନିର୍ମାଣ କାର୍ଯ୍ୟଧାରାକୁ ନେଇ ଏବେ କାହାରି କୌଣସି ଆପତି, ଅଭିଯୋଗ ଉଠୁନଥିବା ଦେଖାଯାଉଛି। ସରକାରୀ ନିୟମ ଆଧାରରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାଜ୍ୟରେ ନବନିର୍ମାଣ ଯୁଗ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯଦିଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଓ ଦୁର୍ନୀତିମୁକ୍ତ ଶାସନର ଏହା ପରିଣତି, ତଥାପି ପୂର୍ତ୍ତ ବିଭାଗର ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କ ସମେତ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କ ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଉଲ୍ଲେଖଯୋଗ୍ୟ। ଶାସନ ସଚିବ ବୀର ବିକ୍ରମ ଯାଦବ ସଚିବ ଭାବେ ଯୋଗ ଦେବା ପରେ ରାଜ୍ୟରେ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ହୋଇଥିବା ଦେଖାଯାଉଛି। ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଏଥିପୂର୍ବରୁ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ବହୁ ସଂସ୍କାର ଆଣିଛନ୍ତି। ସବୁଠୁ ବଡ଼କଥା ହେଲା, ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ପୂର୍ତ୍ତ ବିଭାଗର ଶାସନ ସଚିବ ପଦରେ ଯୋଗଦେବା ପରେ ପରେ ନିର୍ମାଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଇବାରେ ସକ୍ଷମ ହୋଇପାରିଛନ୍ତି। ଇତିମଧ୍ୟରେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ନିର୍ମାଣଜନିତ ବହୁ ସମସ୍ୟାର ସମାଧାନ କରାଇପାରିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଚିଠା ଓ ବ୍ୟବସ୍ଥିତ ଢଙ୍ଗ ତଥା ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।



*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ଆରୁହା ପାହାଡ଼ ବେଆଇନ କଳାପଥର ଖାଦାନରେ ତହସିଲଦାରଙ୍କ ମାପଚୁପ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ପାହାଡର ପ୍ଲଟ ନଂ-୨୮୧୦ରେ ଥିବା ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ଧର୍ମଶାଳା ତହସିଲ ପକ୍ଷରୁ ସେଠାରେ ମାପଚୁପ କରାଯାଇଛି। ସୂଚନା ମୁତାବକ, ଆରୁହା କଳାପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ତାଙ୍କର ଏକ ବେଆଇନ ଭାବେ କ୍ରସର ଚଳାଉଥିବା ନେଇ ସ୍ଥାନୀୟ ଅଂଚଳର ମନୋରଂଜନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ଉକ୍ତ ଖାଦାନରୁ ବେଆଇନ ଭାବେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ସମ୍ପୃକ୍ତ ବେଆଇନ ଖାଦାନର ଇଜରାଦାର ଏହି ଟଙ୍କା ଭରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରି ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ଅକ୍ଟୋବର ୨୫ ତାରିଖ ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ସ୍ଥାନୀୟ ଆରଆଇ ଓ ଅମିନଙ୍କୁ ନେଇ ବେଆଇନ ଭାବେ ଖନନ ହୋଇଥିବା ସଇରାତକୁ ମାପଚୁପ କରିଛନ୍ତି।

# ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ପ୍ରଭାକର ସାହୁଙ୍କ ପତ୍ନୀ କବିତା (୨୩)ଙ୍କ ବୁଧବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଅଧିକ ଯୌତୁକ ପାଇଁ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ବାପା ବାଲିଚନ୍ଦ୍ରପୁର ଥାନା ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁ ଗତକାଲି ଥାନାରେ ଏତଲା ଦେଇଛନ୍ତି। ଶାଶୁଘର ଲୋକେ କବିତାକୁ ହତ୍ୟାକରିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତା କବିତାଙ୍କ ଶାଶୁ ଭାରତୀ ସାହୁ ପୁଲିସ୍ ନିକଟରେ ବୟାନ ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ୍ ମୃତଦେହକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଇଛି। ୫୫୨/୨୨ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମିର୍ଜାପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ପ୍ରଭାକର ଗତ ଜୁଲାଇ ୭ ତାରିଖରେ ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁଙ୍କ ସାନଝିଅ କବିତାଙ୍କୁ କୋଟପୁର ବୃଦ୍ଧଲିଙ୍ଗ ମନ୍ଦିରରେ ବିବାହ କରିଥିଲେ। ବିବାହ ସମୟରେ ୮୦ହଜାର ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର ଯୌତୁକ ବାବଦକୁ ଦିଆଯାଇଥିଲା। ହେଲେ ବିବାହର ଏକ ସପ୍ତାହ ପରେ ଅଧିକ ଯୌତୁକ ଆଣିବାପାଇଁ ଶାଶୁଘର ଲୋକେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। କବିତାର ଦେହ ଖରାପ ଅଛି। ସେ ଧର୍ମଶାଳା ଡାକ୍ତରଖାନାରେ ଅଛି ବୋଲି ଶାଶୁଘର ଲୋକେ ଗତକାଲି ବାପଘରକୁ ଖବର ଦେଇଥିଲେ। ସେମାନେ ଡାକ୍ତରଖାନାକୁ ଆସି ଦେଖିଲା ବେଳକୁ ତାଙ୍କ ଝିଅ ମରିଯାଇଛି। ଶରୀରର ବିଭିନ୍ନ ସ୍ଥାନରେ ଦାଗ ଓ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା। ବିବାହକୁ ତିନିମାସ ପୁରିନଥିବା ବେଳେ ଶାଶୁଘର ଲୋକେ କବିତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପଦେବା ପାଇଁ ବେକରେ ରଶି ଲଗାଇ ଝୁଲାଇ ଦେଇଥିଲେ ବୋଲି ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ମୃତା କବିତାର ସ୍ୱାମୀ ପ୍ରଭାକର ଏବେ ହାଇଦ୍ରାବାଦରେ ଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୦୮

# ଗୁଣାତ୍ମକ ଶିକ୍ଷା ଏବେ ବି ସ୍ୱପ୍ନ !



ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା । ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା । ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ । ପାଠପଢାରୁ ବଞ୍ଚିତ ଶିଶୁଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇ ନ ଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ଏହାସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବାବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି । ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ସେହିପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି । ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ୧୨ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିନାହିଁ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବାବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ । ଏଥିସହିତ ୩୭,୬୩୫ରେ ଖେଳପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ । ଆହୁରି ମଧ୍ୟ ରାଜ୍ୟର ୯୦ଟି ବିଦ୍ୟାଳୟରେ କଳାପଟା ବ୍ୟବସ୍ଥା ନାହିଁ । ଏଥିରୁ ରାଜ୍ୟରେ ଥିବା ସ୍କୁଲମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠପଢା ଚାଲିଛି, ତାହା ସ୍ପଷ୍ଟଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି । ସେହିପରି ୧୭,୭୨୬ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି । ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ଲାଗି ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ରାଜ୍ୟରେ ଥିବା ଉଚ୍ଚବିଦ୍ୟାଳୟଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି ।

ଏଥିସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । ଫଳସ୍ୱରୂପ, ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮% ପିଲା ଓଡିଆ ଅକ୍ଷର ପଢିପାରୁନାହାଁନ୍ତି । ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁନାହାଁନ୍ତି । ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିଶ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି । ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ଶିକ୍ଷାସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା । ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି । ସେହିପରି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟମାନଙ୍କରେ ମଧ୍ୟ ଶିକ୍ଷକମାନଙ୍କ ମରୁଡି । ସେହିପରି ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରାୟ ୫,୬୫୬ ଶିକ୍ଷକ ପଦବୀ ଖାଲିପଡିଛି । ସେହିପରି କେତେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାଁନ୍ତି । ସେଠାରେ ପ୍ରକ୍ସିରେ ଚାଲିଛି ପାଠପଢା ।

ଏସବୁ କଥା ବିଚାରକୁ ନେଲେ ଶିକ୍ଷାକ୍ଷେତ୍ରରେ ଆମ ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ । ଏବେବି ସମୟ ଅଛି । ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ଓ ମହାବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ । କାରଣ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ, ସେ ଦେଶର ମାନବ ସମ୍ବଳ ସେତେ ଦକ୍ଷ ତଥା ବିକଶିତ । ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିବା ଏକାନ୍ତ ଅପରିହାର୍ଯ୍ୟ ।

—ହିମାଂଶୁଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

# ଯୁଗେ ଯୁଗେ ଦେବୀ

—ବିପିନବିହାରୀ ମହାନ୍ତି



ଏ ପୃଥିବୀ ଏକ ମହାଜାଗତିକ ପିଣ୍ଡ । ଏହାର ସୃଷ୍ଟି ସମୟରେ ଏହା ଥିଲା ଏକ ଗ୍ୟାସୀୟ ଜ୍ୱଳନ୍ତ ପିଣ୍ଡ । ପରବର୍ତ୍ତୀ ସମୟରେ ଏହା ଶୀତଳ ହେଲା । ଏଥିରେ ପ୍ରଥମେ ଜଳରାଶି ସୃଷ୍ଟି ହେଲା । ଏହି ଜଳରୁ ପ୍ରଥମେ ଜଳଜୀବ ପରେ ଉଭୟଚର ଏବଂ ଶେଷରେ ସ୍ଥଳଜୀବ ସୃଷ୍ଟି ହେଲେ । ବିଜ୍ଞାନମତେ ଏହା ହିଁ ସୃଷ୍ଟି ତତ୍ତ୍ୱ ବା ଯେତେ ସୃଷ୍ଟି ସମସ୍ତେ ଶକ୍ତିର ଉତ୍ସରୁ ସୃଷ୍ଟି । ଶକ୍ତିର ବନ୍ଧନ ହେଲେ ଜଡ଼ ବା ଜୀବ । ଯେମିତି ଜଳ ଉଦ୍‌ଜାନ ଓ ଅମ୍ଳଜାନର ୨:୧ ବନ୍ଧନରୁ ସୃଷ୍ଟି । ଉଦ୍‌ଜାନ ବା ଅମ୍ଳଜାନ ଏମାନେ ଗୋଟିଏ ଗୋଟିଏ ଗ୍ୟାସୀୟ ଶକ୍ତି । ସେମିତି ବୈଜ୍ଞାନିକ ପଦ୍ଧତିରେ ଜଳକୁ ଭାଙ୍ଗିଲେ ମିଳେ ଉଦ୍‌ଜାନ ଏବଂ ଅମ୍ଳଜାନ । ଏହି ଶକ୍ତିର ଉତ୍ସ ଗୋଟିଏ । ତାହାକୁ କୁହନ୍ତି ପୋଷକ କୁଣ୍ଡ । ଶକ୍ତିର ହ୍ରାସ ବୃଦ୍ଧି ନାହିଁ, ରୂପାନ୍ତର ଅଛି । ଶକ୍ତି ଯେଉଁଠି ଆସେ । ସେଇଠିକୁ ଫେରିଯାଏ । ଜଳ ଗଠନ ଦୃଷ୍ଟାନ୍ତରୁ ଜାଣିଲେ ଯେ ଏମିତି ଶକ୍ତିର ଅରୂପରୁ ରୂପ ହିଁ ସମ୍ଭବ । ଅର୍ଥାତ୍ ନିରାକାରରୁ ଆକାର । ଏଣୁ ଶକ୍ତି ହିଁ ଈଶ୍ୱର ଯିଏ ସବୁ ସୃଷ୍ଟିର କାରଣ । ବିଜ୍ଞାନ ମତେ କୌଣସି ଧର୍ମ, ବିଜ୍ଞାନ ରହିତ ନୁହେଁ । ଏବେ ଆସନ୍ତୁ ଧାର୍ମିକ ମତେ ସୃଷ୍ଟିର ରହସ୍ୟ ସଂପର୍କରେ କିଛି ଆଲୋକପାତ କରିବା ।

ପୁରାଣ ଓ ଶାସ୍ତ୍ର ଅନୁଯାୟୀ ବିଶ୍ୱବ୍ରହ୍ମାଣ୍ଡରେ ତିନିପୁର ଅବସ୍ଥିତ : ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । ଏଥିରେ ସାଧାରଣତଃ ତିନି ଶ୍ରେଣୀର ଅଧିବାସୀ ବାସ କରନ୍ତି । ସ୍ୱର୍ଗରେ ଦେବତା, ପାତାଳରେ ଦାନବ ଓ ମର୍ତ୍ତ୍ୟରେ ମାନବ ମାନେ ବାସ କରନ୍ତି । ଦେବତା ଓ ଦାନବ ପରେ ମାନବ ଓ ଅନ୍ୟାନ୍ୟ ପ୍ରାଣୀ ପୃଥିବୀରେ ଅବତୀର୍ଣ୍ଣ ହେଲେ ଏବଂ ଏ ସୃଜନୀର କାରଣ କେଉଁଠି ଆଦିମାତା ବା ଆଦ୍ୟାଶକ୍ତି । ଯିଏ ଶିବଙ୍କ ସହଯୋଗରେ ମୈଥୁନରୁ ସୃଷ୍ଟି କଲେ ମାନବ ଓ ଅନ୍ୟାନ୍ୟ ପ୍ରାଣୀ । ଦେବତାମାନେ ନପୁଂସକ କାରଣରୁ ମୈଥୁନର ବଂଶ ବିସ୍ତାର କରିପାରି ନଥାନ୍ତି । ଦାନବମାନେ ନିଜସ୍ୱ କାରଣରୁ ବଂଶ ବିସ୍ତାର କରିଥାନ୍ତି ।

ଆଦ୍ୟାଶକ୍ତି କେଉଁଠି ଏସବୁ ସୃଷ୍ଟିର ଚାବିକାଠି । ତେବେ ଏ ଆଦ୍ୟାଶକ୍ତି କିଏ ? କେମିତି ତାଙ୍କର ସ୍ୱରୂପ ? ଆସନ୍ତୁ ଜାଣିବା । ବିଜ୍ଞାନମତେ ଯେତେବେଳେ କେହି ନଥିଲେ, ଶକ୍ତି ଥିଲା । ସେମିତି ପୁରାଣ ମତେ ଯେତେବେଳେ କେହି ନଥିଲେ, ଏମିତିକି ଆମ ବିଶ୍ୱାସର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସକଳ ଦେବଦେବୀ ମାନବ, ଦାନବ କି ଜୀବବିଶେଷ ଇତ୍ୟାଦି, ସେତେବେଳେ ଏକା ଆଦ୍ୟାଶକ୍ତି ଥିଲେ । ପ୍ରଳୟ ପୟୋଧି ଜଳରେ ମଧ୍ୟ ସେ ଥିଲେ । ତାଙ୍କଠୁ ସବୁର ସୃଷ୍ଟି ସେ ସବୁର ପାଳନକର୍ତ୍ତୀ ଏବଂ ସଂହାରକାରିଣୀ । ତାଙ୍କ ଇଚ୍ଛାରୁ ସବୁ ଦେବତାଙ୍କୁ ସୃଷ୍ଟି କରନ୍ତି ଏବଂ ସୃଷ୍ଟିରେ ତାଙ୍କ ତରଫରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସୃଜନ, ପାଳନ ଓ ସଂହାର କାର୍ଯ୍ୟ କରିଥାନ୍ତି । ସେ ପୃଥିବୀର ମଙ୍ଗଳାର୍ଥେ ପ୍ରକଟ ହୋଇଥା'ନ୍ତି ଭିନ୍ନ ଭିନ୍ନ ରୂପରେ ।

ସୃଷ୍ଟିର ବହୁଦିନ ପର୍ଯ୍ୟନ୍ତ ଏ ମାନବ ଈଶ୍ୱର ବା ଆଦ୍ୟାଶକ୍ତିଙ୍କ ସ୍ୱରୂପ ଓ ତାଙ୍କ ସୃଷ୍ଟିର କାରଣ ଉପରେ ଅଜ୍ଞାତ ଥିଲା । ବେଦଯୁଗରେ ଏକଦା ଜହ୍ନ ରାତିରେ ଦଳେ ଆର୍ଯ୍ୟ ବସି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ । ଏହି ସମୟରେ 'ଚେତସ' ବୋଲି ଗୋଟେ ବାଳକ ଯାଇ ସେମାନଙ୍କ ମଧ୍ୟରୁ ତା' ଜେଜେଙ୍କୁ ପଚାରିଲା : ଆକାଶର ଏ ଯେଉଁ ତାରା, ଏ ଜହ୍ନ ରାତିର ଆକାଶ, ନଦୀର କୁଳୁକୁଳୁ ସ୍ୱର, ପକ୍ଷୀଙ୍କ କାକଳି, ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ, ଜନ୍ମ ମୃତ୍ୟୁ, ଏସବୁ କରୁଛି କିଏ ? ମୋତେ ବୁଝାଅ ତ ?

ସମସ୍ତେ ଭାବିଲେ ସତେ ତ ! ଏହା ଜାଣିବା ପାଇଁ ଦଳେ ଜ୍ଞାନୀ, ଆର୍ଯ୍ୟ ଧ୍ୟାନରେ ବସିଲେ । ଅନ୍ୟମାନେ ତାଙ୍କୁ ନିରାପତ୍ତା ଦେଲେ । ଅନେକ ଦିନ ପରେ ଏ ଧ୍ୟାନୀମାନେ ଏକ ସମୟରେ ଚିତ୍କାର କରି ଉଠିଲେ : ଆମେ ପାଇଗଲୁ । ସେମାନେ ଅନ୍ୟମାନଙ୍କୁ ଜଣାଇଲେ ଯେ ଆମେ ଅନ୍ତରରେ ଏକ ପରମଜ୍ୟୋତି ଦର୍ଶନ କଲୁ । ଏ ଜ୍ୟୋତି ଅନ୍ଧକାରର ପରପାରିରେ କୋଟି ସୂର୍ଯ୍ୟର ତେଜିୟାନଠାରୁ ଆହୁରି ଉଜ୍ଜ୍ୱଳ ଥିଲା । ସେ ଏକା ପରମବ୍ରହ୍ମ, ସବୁର କାରଣ । ସେମାନେ ଏ ପରମ ଜ୍ୟୋତିର ନାମ ରଖିଲେ ଈଶ୍ୱର ବା ପରମ ଶକ୍ତି ପରମବ୍ରହ୍ମ ଆଦ୍ୟାଶକ୍ତି । ସେବେଠୁ ଏ ଈଶ୍ୱର ବା ଆଦ୍ୟାଶକ୍ତିଙ୍କୁ ପାଇବାରେ ଆଉ କିଛି ଅସୁବିଧା ହେଲା ନାହିଁ । ଯିଏ ତାଙ୍କୁ ଯେମିତି ଡାକିଲା, ସେମିତି ପାଇଲା, ଯାହା ଚାହିଁଲା ତାକୁ ମଧ୍ୟ ମିଳିଲା । ଏଇଟା ମାନବ ପକ୍ଷରେ ସମ୍ଭବ ହେଲା । ପୁରାଣରେ ବେଦବ୍ୟାସ ଉପପୁରାଣମାନ ଲେଖିବା ପୂର୍ବରୁ ଦେବୀ ମହତ୍ତ୍ୱ ଓ ତତ୍ତ୍ୱ ଜାଣିବା ପାଇଁ ପ୍ରଥମେ ତାଙ୍କୁ ହିମାଳୟରେ ତପସ୍ୟା କଲେ । ପରେ ଆକାଶ ବାଣୀ ପାଇ ସେ ବ୍ରହ୍ମଲୋକ ଗଲେ । ସେଠାରେ ପରମ ଜ୍ୟୋତି ସ୍ୱରୂପିଣୀ ସନାତନୀ ଜଗଦମ୍ବା ପ୍ରକଟ ହୋଇ ଦର୍ଶନ ଦେଲେ । ସେତେବେଳେ ତାଙ୍କଠି ହଜାର ହଜାର ସୂର୍ଯ୍ୟଙ୍କ ଆଭା ଏବଂ କୋଟି କୋଟି ଚନ୍ଦ୍ରଙ୍କ ଶୀତଳ ପ୍ରଭାବ ଥିଲା । ତାଙ୍କର ସହସ୍ର ଭୁଜରେ ବିଭିନ୍ନ ଆୟୁଧ ଥିଲା ଏବଂ ଦିବ୍ୟାଳଙ୍କାରରେ ସେ ବିଭୂଷିତ ଥିଲେ । ସେ ମଧ୍ୟରେ ବିଭିନ୍ନ ରୂପରେ ଦର୍ଶନ ଦେଇଥିଲେ- କେବେ ବାମରେ ରାଧାଙ୍କ ସହ କୃଷ୍ଣ ରୂପରେ ତ, କେବେ ବାମରେ ସାବିତ୍ରୀଙ୍କ ସହ ବ୍ରହ୍ମା ରୂପରେ, କେବେ ବାମରେ ଗୌରୀଙ୍କ ସହ ଶିବ ରୂପରେ ପ୍ରତୀୟମାନ ହୋଇଥିଲେ । ସେତେବେଳେ ସେ ଥିଲେ ସର୍ବବ୍ୟାପୀ ବ୍ରହ୍ମଚାରିଣୀ ।

ଏମିତିରେ ଦେବୀ ବେଦବ୍ୟାସଙ୍କୁ ତାଙ୍କ ଅରୂପରୁ ରୂପର ଦର୍ଶନ ଦେଇ ତାଙ୍କର ସନ୍ଦେହ ମୋଚନ କରିଥଲେ । ଏଥିରୁ ପ୍ରମାଣିତ ହେଲା ଯେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତାଙ୍କରିଠୁ ସୃଷ୍ଟି ଏବଂ ସେ ସୃଷ୍ଟିର ହିତାର୍ଥେ ସେମାନଙ୍କର ପତ୍ନୀ ରୂପେ ଆବିର୍ଭୂତା ହେବାଟା ନିଶ୍ଚିତ ହୁଏ ।

ଭିନ୍ନ ଏକ କାହାଣୀରେ କୁହାଯାଇଛି ଯେ ଏକଦା ମନ୍ଦରାଞ୍ଚଳ ପର୍ବତ ଉପରେ ବିଷ୍ଣୁଙ୍କ ସମେତ ସମସ୍ତ ଦେବତା ଉପସ୍ଥିତ ଥିଲେ । ନାରଦ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ପ୍ରଶ୍ନ କଲେ ଯେ ଆପଣମାନଙ୍କୁ ଉପାସନା କଲେ ଜୀବକୁ ପରମ ପଦ ମିଳେ । ଇନ୍ଦ୍ର ପରି ଦେବତାମାନେ ସେହି କାରଣରୁ ଆପଣମାନଙ୍କୁ ମାନନ୍ତି । ଏବେ ମୋର ଆପଣମାନଙ୍କୁ ଗୋଟିଏ ପ୍ରଶ୍ନ: ଆପଣ ତିନି ଜଣଙ୍କର ଉପାସ୍ୟ ଦେବତା କିଏ ? ଆପଣ କେଉଁ ଅବିନାଶୀ ଦେବତାଙ୍କୁ ଆରାଧନା କରନ୍ତି କି ? ଭଗବାନ ଶିବ ସମାଧିସ୍ଥ ହେଲେ ଏବଂ କିଛି ସମୟ ସମାଧି ଭଗ୍ନ କରି କହିଲେ, ଶୁଦ୍ଧ ଶାଶ୍ୱତ ପ୍ରକୃତି ରୂପିଣୀ ଭଗବତୀ ଜଗଦମ୍ବା ସାକ୍ଷାତ ପରବ୍ରହ୍ମ ଅଟନ୍ତି । ସେ ଆମର ଉପାସ୍ୟ ଦେବୀ/ଦେବତା ଅଟନ୍ତି । ନିରାକାର ହେଲେ ବି ମହାଦେବୀ ନିଜସ୍ୱ ଲୀଳାରେ ଦେହ ଧାରଣ କରନ୍ତି । ଏହାଙ୍କ ଦ୍ୱାରା ଏହି ବିଶ୍ୱର ସୃଷ୍ଟି ପାଳନ ଓ ସଂହାର ଲୀଳା ସମାହିତ ହୁଏ । ତାଙ୍କରି କାରଣରୁ ଏ ଜଗତ ମୋହଗ୍ରସ୍ତ ଥାଏ । ସେ ପୁଣି କହିଲେ ଯେ କାଳ ଓ ସମୟାନୁଯାୟୀ ଏହି ପୂର୍ଣ୍ଣା ଭଗବତୀ ନିଜସ୍ୱ ଲୀଳା କାରଣରୁ ଯଥାକ୍ରମେ ଦକ୍ଷକନ୍ୟା ସତୀ ରୂପରେ ଓ ହିମାଳୟଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନେବେ ତଥା ନିଜ ଅଂଶରୁ ବିଷ୍ଣୁଙ୍କ ଭାର୍ଯ୍ୟା ଲକ୍ଷ୍ମୀରୂପରେ ଓ ସରସ୍ୱତୀ ରୂପରେ ତଥା ବ୍ରହ୍ମାଙ୍କ ସ୍ତ୍ରୀ ସାବିତ୍ରୀ ରୂପେ ପ୍ରକଟ ହେବେ । ସେ ପୂର୍ଣ୍ଣ ପ୍ରକୃତି ରୂପେ ତ୍ରିଦେବ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନିଯୁକ୍ତି ଦେଇ କହିଛନ୍ତି ମୁଁ ଏ ସୃଷ୍ଟି ନିମନ୍ତେ ତୁମ ତିନିଜଣଙ୍କୁ ଉତ୍ପନ୍ନ କରିଛି । ଏଣୁ ମୋ ଇଚ୍ଛାନୁଯାୟୀ ତୁମେମାନେ କାର୍ଯ୍ୟ କର । ମୁଁ ନିଜେ ସାବିତ୍ରୀ, ସରସ୍ୱତୀ, ଲକ୍ଷ୍ମୀ, ଗଙ୍ଗା ତଥା ସତୀ । ଏହି ପାଞ୍ଚ ଦେବୀଙ୍କ ରୂପରେ ତୁମମାନଙ୍କ ସ୍ତ୍ରୀ ରୂପେ ବିହାର କରିବି ଏବଂ ପ୍ରାଣୀମାନଙ୍କ ମଧ୍ୟରେ ନାରୀରୂପ ଧାରଣ କରି ଶିବଙ୍କ ସହଯୋଗରେ ସମସ୍ତଙ୍କୁ ଜନ୍ମଦେବି । ଏହିପରି ବାର୍ତ୍ତା ଓ ଦର୍ଶନ ଦେଇ ପରାପ୍ରକୃତି ମହାବିଦ୍ୟା ଅନ୍ତର୍ଦ୍ଧାନ ହୋଇଗଲେ ।

***"ଯା'ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ଯା'ଦେବୀ ସର୍ବଭୂତେଷୁ ନାରୀ ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।।"***

ଉପରୋକ୍ତ ଆଲୋଚନାରୁ ପ୍ରମାଣସିଦ୍ଧ ଯେ ମାତା ଜଗଦମ୍ବା ଆଦ୍ୟାଶକ୍ତି ଏ ସୃଷ୍ଟି ଆରମ୍ଭରୁ ଥିଲେ, ଅଛନ୍ତି ଓ ଥିବେ । ସେ ହିଁ ଜନ୍ମ ମୃତ୍ୟୁ ରହିତା ଚିରବର୍ତ୍ତମାନ ସବୁର କାରଣ । ସୃଷ୍ଟିର ଆରମ୍ଭ ପୂର୍ବରୁ ଯେମିତି ଆଦ୍ୟାଶକ୍ତି ସତ୍ୟ, ସେମିତି ତାଙ୍କ ସୃଷ୍ଟି ସର୍ଜନା ପରେ ସେ ନିଜେ ହିଁ ପ୍ରଥମ ଏବଂ ତାଙ୍କ ଦ୍ୱାରା ସୃଷ୍ଟ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଅନ୍ୟାନ୍ୟ ଦେବମାନେ ମଧ୍ୟ ପ୍ରଥମ । ସେ ଏକ ସମୟରେ ଦେବ, ଦାନବ ସୃଷ୍ଟି କରିଥିଲେ । ଦେବ-ଦାନବଙ୍କ ମଧ୍ୟରେ ନିଜର ଶକ୍ତି ଓ ଆଧିପତ୍ୟ ବିସ୍ତାର ନେଇ ରୀତିମତ ଗଣ୍ଡଗୋଳ ଓ ଯୁଦ୍ଧ ଲାଗିରହିଥିଲା । ଦାନବମାନଙ୍କର ଉଦ୍ଦେଶ୍ୟ ଥିଲା ସେମାନେ ତିନିପୁରର ମାଲିକ ହେବେ ଦେବତାମାନେ ତାଙ୍କ ଅଧୀନରେ ରହିବେ । ଈର୍ଷା ଯେ ସମୁଦ୍ର ମନ୍ଥନ ବେଳେ ପ୍ରାପ୍ତ ଅମୃତ ପାଇ ଦେବତାମାନେ ଅମର ବେଳେ, ଦାନବମାନେ ଥିଲେ ମର । ତେଣୁ ସଦାକାଳେ ତପସ୍ୟା / ଧ୍ୟାନ ବଳରେ ଦାନବମାନେ ବ୍ରହ୍ମା, ବିଷ୍ଣୁ ବା ମହେଶ୍ୱରଙ୍କୁ ସନ୍ତୁଷ୍ଟ କରି କିପରି ଅମରତ୍ୱ ଲାଭ କରିବେ ସେମିତି ବର ମାଗୁଥିଲେ । ହେଲେ ସେମାନେ ଯେତେ ବର ମାଗୁଥିଲେ, ତା' ଭିତରେ କୋଉଠିନା କୋଉଠି ଗୋଟିଏ ଗଳିଆ ରାସ୍ତା ଥିଲା, ଯାହା ତାଙ୍କର ମୃତ୍ୟୁର କାରଣ ଥିଲା ।

ସୃଷ୍ଟିର ଆରମ୍ଭରେ ଆଦିଦୈତ୍ୟ ଥିଲା ହିରଣ୍ୟ କଶିପୁ । ତା'ର ନାତି ଦୁର୍ଗମ । ସେ ବ୍ରହ୍ମାଙ୍କଠାରୁ ବର ପାଇଥିଲା ଯେ ସେ କୌଣସି ପ୍ରାଣୀ ବା ପୁରୁଷ ଦ୍ୱାରା ମରିପାରିବ ନାହିଁ, ଏଣୁ ତ୍ରିଲୋକର ଅଧିପତି ହେବାରେ ତା'ର ସ୍ୱପ୍ନ ଥିଲା । ଖାଲି ସେତିକି ନୁହେଁ ସେ ମଧ୍ୟ ସ୍ୱର୍ଗପୁରରୁ ଦେବ ଅପହରଣ କରି ନେବାର ପ୍ରଚାର ହେଉଥିଲା । ଏହି କାରଣରୁ ଦେବତାମାନଙ୍କୁ ବାରମ୍ବାର ଆକ୍ରମଣ କରୁଥିଲା ଏବଂ ଦେବତାମାନେ ତାଦ୍ୱାରା ବାରମ୍ବାର ପରାସ୍ତ ହେଉଥିଲେ ଏବଂ ଭୟରେ ତ୍ରାହି ତ୍ରାହି ଡାକୁଥିଲେ ।

ଏକଦା ଦୁର୍ଗମ ସହିତ ଏମିତି ଏକ ଯୁଦ୍ଧ ବେଳେ ବୃହସ୍ପତି ଓ ଇନ୍ଦ୍ର ଇତ୍ୟାଦି ଦେବତାମାନେ ଏକ ପରମ ଜ୍ୟୋତି ଦେଖିଲେ । ସେମାନେ ଭାବିଲେ ଇଏ ବୋଧେ ଦୁର୍ଗମର ମାୟା । ସେମାନେ ତାକୁ ଯେତେ ଅସ୍ତ୍ର ପ୍ରୟୋଗ କଲେ ସେମାନେ ନିଜେ ପରାସ୍ତ ହେଲେ । ହଠାତ୍ ସେମାନେ ତାଙ୍କ ମୁଣ୍ଡ ଉପରେ ପରମ ଜ୍ୟୋତିକୁ ଦେଖି ବିନମ୍ର ପ୍ରାର୍ଥନା କଲେ, ହେ ପରମ ଜ୍ୟୋତି ! ଆମେ ଆପଣଙ୍କ ଶରଣ ପଶୁଛୁ । ଆପଣ ଆମକୁ ଏବଂ ସୃଷ୍ଟିର ମଙ୍ଗଳକାରୀ ଚାରିଦେବଙ୍କୁ ଦୁର୍ଗମାସୁରଠାରୁ ରକ୍ଷା କରନ୍ତୁ । ସେହି ଜ୍ୟୋତି ମଧ୍ୟରେ ଦେବତାମାନେ ପ୍ରଥମ ଥର ପାଇଁ ଚତୁର୍ଭୁଜା କୌଣସି ଏକ ନାରୀ ପ୍ରତିମା ଦେଖିଲେ । ସେ ଗୋଟିଏ ହସ୍ତରେ ବରଦାନ କରୁଥିଲେ । ଗୋଟିଏ ହସ୍ତରେ ପାଶ ଥିଲା, ଗୋଟିଏ ହସ୍ତରେ ଅଙ୍କୁଶ ଥିଲା ଏବଂ ଚତୁର୍ଥ ହସ୍ତରେ ସେ ଅଭୟ ପ୍ରଦାନ କରୁଥିଲେ । ସବୁଠୁ ଆଶ୍ଚର୍ଯ୍ୟ କଥା ଯେ ଯେଉଁ ବେଦଗୁଡିକ ପାଇଁ ଦେବତାମାନେ ଦୁର୍ଗମ ଭୟରେ ଆତୁର ଥିଲେ, ସେଗୁଡିକ ତାଙ୍କ ପଦତଳରେ ଥିଲା, ଅର୍ଥାତ୍ ସେ ବେଦର ରକ୍ଷାକାରିଣୀ ଥିଲେ ।

ସେଦିନ ଦେବୀ ସେମାନଙ୍କୁ କହିଥିଲେ, ତୁମେ ମୋତେ ଚିହ୍ନି ନ ପାରି ଆକ୍ରମଣ କଲ । ତଥାପି ମୁଁ ତୁମକୁ କ୍ଷମା କରୁଛି । ତୁମ୍ଭେମାନେ ଯୁଦ୍ଧରୁ ନିବୃତ୍ତ ହୁଅ ମୁଁ ତାକୁ ବଧ କରୁଛି । ଦୁର୍ଗମାସୁରର ପୁରୁଷ ହାତରେ ମରିବାର ନଥିଲା । ମା' ଭଗବତୀ ତାଙ୍କୁ ନାରୀ ରୂପରେ ବଧ କଲେ । ଦୁର୍ଗମାସୁରକୁ ମାରି ମା' ଦେବତାମାନଙ୍କ ଦୁଃଖ ହରଣ କରିଥିବାରୁ ସେବେଠୁ ମା' ହେଲେ ଦୁର୍ଗା ।

ଭଗବତୀଙ୍କ ଇଚ୍ଛା ପୂର୍ବ ଯୋଜନା ତଥା ବ୍ରହ୍ମାଙ୍କ ତପସ୍ୟା କାରଣରୁ ସୃଷ୍ଟିର ସୃଜନ ପାଇଁ ମା' ଶିବଙ୍କ ପତ୍ନୀ ହେବା ପାଇଁ ପ୍ରତିଶ୍ରୁତି ଦିଅନ୍ତି ଏବଂ ତଦନୁଯାୟୀ ତାଙ୍କୁ ପାଇବା ପାଇଁ ଶିବ ତପସ୍ୟା କରି ମା'ଙ୍କ ଆଶୀର୍ବାଦ ପାଆନ୍ତି । ଏଥୁ ଅନ୍ତେ ସେଇ ବ୍ରହ୍ମାଙ୍କ କାରଣରୁ ଦକ୍ଷ ତପସ୍ୟା କରି ମା' ଭଗବତୀଙ୍କୁ କନ୍ୟା ରୂପେ ପାଆନ୍ତି ଏବଂ ତାଙ୍କ ନାମ ହୁଏ ସତୀ । ଦକ୍ଷଙ୍କ ଅନିଚ୍ଛା ସତ୍ତ୍ୱେ ସତୀଙ୍କର ଶିବଙ୍କ ସହ ବିବାହ ହୁଏ । ଶିବ ଶ୍ମଶାନବାସୀ ଥିବାରୁ ଏବଂ ତାଙ୍କ ଅଧୀନତ୍ୱ ସ୍ୱୀକାର କରୁନଥିବାରୁ ତାଙ୍କ ପ୍ରତି ଦକ୍ଷଙ୍କର ବିଦ୍ୱେଷଭାବ ଥିଲା । ସେ ସତୀଙ୍କୁ ପ୍ରଥମରୁ ଶିବଙ୍କୁ ଦେବାକୁ ଚାହୁଁନଥିଲେ, କିନ୍ତୁ ବ୍ରହ୍ମାଙ୍କ ମଧ୍ୟସ୍ଥତା କାରଣରୁ ଏହା ସମ୍ଭବ ହେଲା ସିନା ତାଙ୍କ କ୍ରୋଧ କମିଲା ନାହିଁ । ସେ ଶିବଙ୍କୁ ନିନ୍ଦିତ ଓ ଅପମାନିତ କରିବା ଉଦ୍ଦେଶ୍ୟରେ ଏକ ଯଜ୍ଞ କଲେ ଯେଉଁଥିକୁ ସେ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ । ଅଥଚ ସତୀ ଯିବା ପାଇଁ ଜିଦ୍ କରନ୍ତି । ତଥାପି ସତୀ ନଛୋଡ଼ବନ୍ଧା । ଶେଷରେ ସତୀ ତାଙ୍କ ଦଶ ମହାବିଦ୍ୟା ମହାକାଳୀ, ତାରା, ଷୋଡଶୀ, ଛିନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଓ ଭୈରବୀ ରୂପ ମାନ ଦେଖାଇ ଶିବଙ୍କୁ ଭୟଭୀତ କରାନ୍ତି । ପରବର୍ତ୍ତୀ ସମୟରେ ଏହି ମହାବିଦ୍ୟାମାନେ ସ୍ଥଳ ବିଶେଷରେ ନିଜ ନିଜର କରିସ୍ମା ଦେଖାନ୍ତି । ଶିବ ଏ ଦର୍ଶନରେ ଭୟଭୀତ ହୋଇ ସତୀଙ୍କୁ ଅନୁମତି ଦେଲେ ।

ସତୀଙ୍କୁ ଯଜ୍ଞ ସ୍ଥଳୀରେ ତାଙ୍କ ମା' ଓ କେଇଜଣ ଭଉଣୀ ବ୍ୟତୀତ ଅନ୍ୟମାନେ ଆଡ ଆଖିରେ ଦେଖନ୍ତି । ଅନାହୁତେ ପ୍ରବିଶ୍ୟତେ କାରଣରୁ ତାଙ୍କର ଆଦର ନାହିଁ । ତଥାପି ଯଜ୍ଞରେ ସେ ସ୍ୱାମୀଙ୍କ ଯଜ୍ଞ ଭାଗ ଦାବି କଲେ ଅଥଚ ଅପମାନିତ ହେଲେ । ଏଣୁ ସେଠାରେ ସେ ପତି ନିନ୍ଦା ସହିପାରନ୍ତି ନାହିଁ । ତେଣୁ ସେ ନିଜର ଦେହରୁ ଛାୟାସତୀ ସୃଷ୍ଟି କରି ଯଜ୍ଞସ୍ଥଳୀ ଧ୍ୱସ୍ତ-ବିଧ୍ୱସ୍ତ କରିଦିଅନ୍ତି ଏବଂ ଶେଷରେ ଯଜ୍ଞାଗ୍ନିରେ ଆତ୍ମ ବିସର୍ଜନ କରନ୍ତି । ଏହା ହିଁ ଶିବଙ୍କୁ କ୍ରୋଧାନ୍ୱିତ କରାଏ ଏବଂ ସେ ବୀରଭଦ୍ର ରୂପେ ଯଜ୍ଞ ଧ୍ୱଂସ କରନ୍ତି ଏବଂ ଦକ୍ଷଙ୍କ ମୁଣ୍ଡ କାଟି ଯଜ୍ଞ କୁଣ୍ଡରେ ଜାଳିଦିଅନ୍ତି । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଆସନ୍ତି, ଯଜ୍ଞ ସମାପନ ହୁଏ ଏବଂ ଦକ୍ଷଙ୍କୁ ଛେଳିମୁଣ୍ଡ ଯୋଡି ଜୀବନ ଦାନ କରନ୍ତି । ହେଲେ ଶିବ କ'ଣ ସତୀଙ୍କୁ ଭୁଲି ପାରନ୍ତି ? ଏଥୁ ଅନ୍ତେ ସତୀଙ୍କ ଦଗ୍ଧମରପିଣ୍ଡ ଯଜ୍ଞ କୁଣ୍ଡରୁ ଆଣି ତାକୁ କାନ୍ଧରେ ଧରି ଆରମ୍ଭ କରି ଦିଅନ୍ତି ତାଣ୍ଡବ ନୃତ୍ୟ । ପୃଥିବୀ କମ୍ପେ । ଦେବତାମାନେ ଭୟଭୀତ ଏହା ଦେଖି ବିଷ୍ଣୁ ତାଙ୍କ ସୁଦର୍ଶନ ଚକ୍ର ଦ୍ୱାରା ସେ ପିଣ୍ଡକୁ ଖଣ୍ଡ ଖଣ୍ଡ କରନ୍ତି ଏବଂ ସତୀଙ୍କ ଦେହର ଏହି ଛେଦିତ ଅଂଶ ଭାରତ ଓ ଭାରତ ବାହାରେ ବିଭିନ୍ନ ଭୂଭାଗରେ ପତିତ ହୁଏ ଯାହାକି ପରବର୍ତ୍ତୀ ସମୟରେ ପାଲଟିଯାଏ ୫୧ଟି ଭିନ୍ନ ମତେ ୧୦୮ଟି ଶକ୍ତିପୀଠ ।



ସତୀ ବିନା ଶିବ ବଞ୍ଚିବା ଅସମ୍ଭବ ମନେ କରନ୍ତି । ସେ କାମ ରୂପ ଯେଉଁଠି କି ସତୀଙ୍କ ଯୋନି ପତିତ ହୋଇଥିଲା, ସେଠି ସତୀଙ୍କ ପାଇଁ ତପସ୍ୟା କରନ୍ତି । ଅନେକ ଦିନ ପରେ ଦେବୀ ପ୍ରସନ୍ନ ହୋଇ କହନ୍ତି ଯେ ସେ ହିମାଳୟଙ୍କ ପତ୍ନୀ ମେନକାଙ୍କ ଗର୍ଭରୁ ଜନ୍ମ ନେବେ । ତାଙ୍କ ନାମ ହେବ ଉମା ଏବଂ ପରେ ପାର୍ବତୀ । ସେତେବେଳେ ଶିବଙ୍କ ସହିତ ତାଙ୍କର ବିବାହ ହେବ । ତାହା ହିଁ ହେଲା ଅଥଚ ଏଥିପାଇଁ ତପସ୍ୟା କରିବାକୁ ହେଲା ପ୍ରାୟ ୩୦୦୦ ବର୍ଷ । ଏହା ପରେ ସେମାନେ ଧରନ୍ତି ସୃଜନର ଚାବିକାଠି ।

ଏହାପରେ ତାଙ୍କ ଆଶୀର୍ବାଦରୁ ଜନ୍ମ ନିଅନ୍ତି କାର୍ତ୍ତିକେୟ ସେ ବଧ କରନ୍ତି ତାରକାସୁର । ପରେ ପରେ ଭଗବାନ ବିଷ୍ଣୁ ନିଜେ ଗଣେଶ ଶିବ ପାର୍ବତୀଙ୍କର ପୁତ୍ର ରୂପେ ଜନ୍ମ ନିଅନ୍ତି । ଶିବ ଅଜ୍ଞାନ୍ତବଶତଃ ଗଣେଶଙ୍କର ଶିର ଛେଦ କରନ୍ତି ଏବଂ ପରେ ଭୁଲ ବୁଝି ହସ୍ତୀର ମୁଣ୍ଡଟିଏ ଯୋଡ଼ିଦେଇ ଜୀବନ୍ୟାସ ଦେଇଛନ୍ତି ଗଣେଶଙ୍କୁ । ସେ ହୁଅନ୍ତି ଅଗ୍ରପୂଜ୍ୟ । ସବୁରି ଗଜାନନ ।

ଏକଦା ମାତା ସତୀଙ୍କ କାରଣରୁ ଜଳନ୍ଧର ଓ ଶିବଙ୍କ ମଧ୍ୟରେ ଯୁଦ୍ଧ ହୁଏ । ଅଥଚ ଯୁଦ୍ଧର ପରିଣାମ ମିଳେନି । ପ୍ରତିଥର ଜଳନ୍ଧର ପତ୍ନୀ ବୃନ୍ଦାଙ୍କ ସତୀତ୍ୱ କାରଣରୁ ବଞ୍ଚିଯାଏ ସିଏ । ଯେପର୍ଯ୍ୟନ୍ତ ବୃନ୍ଦାଙ୍କର ସତୀତ୍ୱ ନଷ୍ଟ କରାନଯାଇଛି ସେ ଯାଏଁ ଯୁଦ୍ଧ ସରିନାହିଁ ବୋଲି ଦେବୀ ଜାଣିଲେ । ସେ ବିଷ୍ଣୁଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଛଦ୍ମ ବେଶରେ ଯାଇ ବୃନ୍ଦାଙ୍କ ସତୀତ୍ୱ ଅପହରଣ କରନ୍ତୁ । ତାହା ହିଁ ହେଲା । ଏଥର ଶିବ ଜଳନ୍ଧରକୁ ବଧ କଲେ । ତେବେ ବିଷ୍ଣୁ ତାଙ୍କର ଏ ଅପରାଧ ପାଇଁ ବୃନ୍ଦାଙ୍କୁ ବର ଦେଲେ ଯେ ସେ ସର୍ବକାଳ ପାଇଁ ତାଙ୍କ କଣ୍ଠର ମାଳା ହେବେ ଏବଂ ସେ ବିଷ୍ଣୁଙ୍କ ପ୍ରିୟ ଭାବରେ ପୂଜା ହେବେ । ସେ ହେବେ ତୁଳସୀ ଏବଂ ତାଙ୍କ ପତ୍ରକୁ ଲୋକେ ମହାପ୍ରସାଦ ପରି ପାଇବେ । ଏହାପରେ ମା' ପାର୍ବତୀ ଆଦ୍ୟାଶକ୍ତି ରୂପେ ଚାମୁଣ୍ଡା ଚଣ୍ଡ-ମୁଣ୍ଡ ଓ ମା' କାଳୀ ରୂପେ ଶୁମ୍ଭ ନିଶୁମ୍ଭଙ୍କୁ ବଧ କରନ୍ତି ଏବଂ ଦୁର୍ଗା ରୂପରେ ପୂଜନ ପରେ ମହିଷାସୁରକୁ ମଧ୍ୟ ବଧ କରନ୍ତି । ତାରା ରୂପେ ହୟଗ୍ରୀବ, କନ୍ୟାକୁମାରୀ ରୂପେ ବାଣାସୁର, ମହାକାଳୀ ରୂପେ ମଧୁ କୈଟଭ ଓ ରକ୍ତବୀଜଙ୍କୁ ସଂହାର କରନ୍ତି ଏବଂ କାର୍ଯ୍ୟ ନେଇ କାହାକୁ କିପରି ଦଣ୍ଡ ଦେବା କଥା ଦିଅନ୍ତି ସେମିତି ମଧ୍ୟ ପାପକୁ ଦଣ୍ଡ । ଦୃଷ୍ଟାନ୍ତ ସ୍ୱରୂପ କୁବେରଙ୍କ ତାଙ୍କ ପ୍ରତି ଆଖି କାରଣରୁ ସେ ତାଙ୍କର ଗୋଟିଏ ଆଖି ନଷ୍ଟ କରିଦେଇଥିଲେ । ସେହିପରି ଉତ୍ତମ ଆଚରଣ ପାଇଁ ଅନେକଙ୍କୁ ମଧ୍ୟ ପୁରସ୍କୃତ କରିଛନ୍ତି ।

ବୃତ୍ତାସୁର ନାମକ ଏକ ରାକ୍ଷସକୁ ବଧ କରିବା ପାଇଁ ଇନ୍ଦ୍ରଙ୍କର ଦଧିଚି ଋଷିଙ୍କ ଅସ୍ଥିରେ ବାଣ ପ୍ରସ୍ତୁତ କରିବାର ଥିଲା । ସେ ନେଇ ସେ ଦଧିଚିଙ୍କୁ ଅନୁରୋଧ କଲେ । ଦଧିଚି ପରୋପକାରାର୍ଥେ ଶରୀର ତ୍ୟାଗ କଲେ । ସେ ଅସ୍ଥିରେ ବାଣ ପ୍ରସ୍ତୁତ ହେଲା । ବୃତ୍ତାସୁର ମଲା ଅଥଚ ଇନ୍ଦ୍ରଙ୍କୁ ବ୍ରହ୍ମହତ୍ୟା ଦୋଷ ଲାଗିଲା । ଏଥିରୁ ମୁକ୍ତି ପାଇଁ ସେ ଦେବୀଙ୍କୁ ଶରଣ ଗଲେ । ମା' ତାଙ୍କୁ ଦର୍ଶନ ଦେଇ ପାପମୁକ୍ତ କଲେ ।

ଏକଦା ନିମନ୍ତ୍ରଣ ପାଇ ସସ୍ତ୍ରୀକ ଶିବ ବୈକୁଣ୍ଠପୁରକୁ ଯାଇଥିଲେ । ସେଠି ବିଷ୍ଣୁଙ୍କ ଅନୁରୋଧ କ୍ରମେ ସଂଗୀତରେ ବିମୋହିତ ହୋଇ ଦେବୀ ଗଙ୍ଗାମାତା ରୂପେ ବ୍ରହ୍ମାଙ୍କ କମଣ୍ଡଳକୁ ପହଞ୍ଚିଗଲେ । ପରେ ଲୋକେ କଲ୍ୟାଣ ନିମନ୍ତେ ପୃଥିବୀ ଉପରେ ଅବତରଣ କଲେ । ବିଷ୍ଣୁଙ୍କ କାରଣରୁ ସୃଷ୍ଟି ହେତୁ ସେ ହେଲେ ବିଷ୍ଣୁପଦୀ । ସେହିପରି ବାମନ ଅବତାରେ ବାଳୀକୁ ତୃତୀୟ ପଦରେ ପାତାଳ ଦାବିଲା ବେଳେ ଗଙ୍ଗାମାତା ବ୍ରହ୍ମାଙ୍କ କମଣ୍ଡଳରୁ ଖସି ତାଙ୍କ ପାଦତଳେ ସ୍ଥିର ରହିଗଲେ । ସେହି କାରଣରୁ ଗଙ୍ଗାମାତାଙ୍କୁ ବିଷ୍ଣୁପଦାମ୍ବୁଦା ସମ୍ଭୁତା କୁହାଯାଏ ।

ଦେବୀ ଗଙ୍ଗା ରୂପେ ଗତିକଲା ବେଳେ ବହୁଧା ବିରକ୍ତି ହୋଇଛନ୍ତି ସେ । କାର୍ଯ୍ୟ ନେଇ ବିଭିନ୍ନ ଯାଗାରେ ଭିନ୍ନ ଭିନ୍ନ ନାମ ବହନ କରିଛନ୍ତି । ପୁରାଣ ମତେ ସାଗରବଂଶ ଉଦ୍ଧାର କାରଣେ ଭଗୀରଥ ତାଙ୍କୁ ପୃଥିବୀ ଅବତାରଣ କରାଇଛନ୍ତି । ତେଣୁ ତାଙ୍କ ନାମ ଅନୁସାରେ ସେ ହେଲେ ଭାଗୀରଥୀ । ଏ ସମସ୍ତ ତଥ୍ୟ ଗଙ୍ଗା ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଛି । ଦେବୀଙ୍କ ମହିମା ଅପାର । କେତେ ବର୍ଣ୍ଣିବ ?

ତ୍ରେତୟା ଯୁଗରେ ଭଗବାନ ବିଷ୍ଣୁ ରାମ ଅବତାର ଗ୍ରହଣ କରିଥିଲେ । ରାବଣ ସୀତାଙ୍କୁ ଅପହରଣ କରି ଲଙ୍କାରେ ରଖିଥିଲା । ସୀତାଙ୍କ ଉଦ୍ଧାର ଏବଂ ରାବଣ ବଧ ପାଇଁ ଶ୍ରୀରାମ ମା' ଭଗବତୀଙ୍କର ଶରଣ ପଶିଲେ । ଯଦିଓ ମା' ଭଗବତୀ ପୂର୍ବରୁ ରାବଣ ତପସ୍ୟାରେ ପ୍ରୀତ ହୋଇ ତାକୁ ତ୍ରିପୁର ବିଜୟୀ ବରଦାନ ଦେଇଥିଲେ ଏବଂ ତା ଲଙ୍କାପୁରୀରେ ନିବାସ କରୁଥିଲେ, ତଥାପି ସେ ରାମଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ତାଙ୍କୁ ରାବଣ ବଧର ଉପାୟ କହିଥିଲେ ଏବଂ ସେ ପଥ ପରିଷ୍କାର ପାଇଁ ନିଜେ ଲଙ୍କା ପରିତ୍ୟାଗ କରିଥିଲେ । ଫଳରେ ଅସୁରକୁଳ ସହିତ ରାବଣ ବଧ ହେଲା ଏବଂ ମାତା ସୀତା ଉଦ୍ଧାର ହେଲେ । ସେମିତି ସପ୍ତମ ଅବତାର ଧାରଣ କରି ସହସ୍ରାର୍ଜ୍ଜୁନ ବଧ କରିଥିଲେ ।

ମା ଭଗବତୀ ଏକଦା କୈଳାସ ପର୍ବତରେ ବିହାର କରୁଥିବା ବେଳେ ଶିବ ପାର୍ବତୀଙ୍କୁ କୌତୁହଳବଶତଃ କହିଲେ ଯେ ଦ୍ୱାପର ଯୁଗରେ ମୁଁ ଶ୍ରୀରାଧା ହୋଇ ବୃଷଭାନୁ କନ୍ୟା ଭାବେ ଏବଂ ତୁମେ ଶ୍ରୀକୃଷ୍ଣ ହୋଇ ଦେବକୀ-ବସୁଦେବଙ୍କ ପୁତ୍ର ଭାବେ ଜନ୍ମ ହୁଅନ୍ତେ ନାହିଁ ? ଆମେ ଏକ ମାନବୀୟ ଲୀଳା କରନ୍ତେ । ଏ କଥା କେମିତି ହୁଅନ୍ତା ? ଏକଥାକୁ ପାର୍ବତୀ ସମ୍ମତି ପ୍ରଦାନ କଲେ । ତାହା ହିଁ ହେଲା । ଭଗବାନ ବିଷ୍ଣୁ ହେଲେ ଶ୍ରୀକୃଷ୍ଣ ଏବଂ ଜ୍ୟେଷ୍ଠ ଭ୍ରାତା ବଳରାମ । ଏହି ଲୀଳା ଆଦିମାତା ଓ ଶିବ ଯଥାକ୍ରମେ ଶ୍ରୀକୃଷ୍ଣ ଓ ରାଧା ହୋଇ କଂସର ଅଷ୍ଟମଲ୍ଲ ସହ, ଅଘା, ବକା ଇତ୍ୟାଦି ଯେତେ ଅସୁର ଏବଂ ପୁତନା ପରି ରାକ୍ଷସୀକୁ ବଧ କରି ପରମ ପ୍ରବଳ ପ୍ରତାପୀ ଅତ୍ୟାଚାରୀ କଂସକୁ ବଧ କଲେ । କେବଳ ସେତିକି ନୁହେଁ, ମହାଭାରତ ଯୁଦ୍ଧରେ ପାଣ୍ଡବ ପକ୍ଷର ଅର୍ଜୁନଙ୍କ ସାରଥୀ ଥିଲେ ଏବଂ ସମସ୍ତ ସହାୟତା ଯୋଗାଇଥିଲେ । ଫଳରେ ଅନ୍ୟାୟୀ କୌରବମାନଙ୍କର ପତନ ହେଲା ।

ପ୍ରକୃତରେ ଦ୍ୱାପର ଯୁଗ ଆସିବାରୁ ଦାନବଗଣ ମାନବରୂପ ଧାରଣ କରି ଅବତାର ଗ୍ରହଣ କଲେ । ଏଣେ ଧରିତ୍ରୀ ମାତା ବ୍ରହ୍ମାଙ୍କ ପାଖରେ ଅଭିଯୋଗ କାରଣରୁ ବ୍ରହ୍ମା ଦେବତାମାନଙ୍କୁ ଆଦେଶ ଦେଲେ ଯେ ସେମାନେ ମାନବ ଅବତାର ଗ୍ରହଣ କରନ୍ତୁ । ଏଣୁ ଦେବତାମାନଙ୍କର ମୁଖ୍ୟ ବିଷ୍ଣୁ ଏ ପୃଥିବୀରେ କୃଷ୍ଣ ରୂପେ ଅବତାର ଗ୍ରହଣ କରିବାକୁ ବାଧ୍ୟ ହେଲେ । ଯେହେତୁ ଦାନବ ଓ ଦେବତାମାନେ ପୃଥିବୀ ଉପରେ ଜନ୍ମ ନେଲେ, ସେମାନଙ୍କ ମଧ୍ୟରେ ଯୁଦ୍ଧ ହେଲା । ଯେଉଁ ମହାଭାରତ ଯୁଦ୍ଧ କଥା କହିଛେ ଏହା ହିଁ ଥିଲା ଆଗରୁ ଜନ୍ମ ନେଇଥିବା ଦେବଦାନବର ଯୁଦ୍ଧ । ମହାଭାରତ ଯୁଦ୍ଧର ପରିସମାପ୍ତି ହିଁ ଥିଲା ଦେବ-ଦାନବ ମଧ୍ୟରେ ଥିବା ବିବାଦର ଶେଷ ।

ପୃଥିବୀ ଉପରେ ଦାନବମାନଙ୍କର ରାଜଧାନୀ ଶୋଣିତ ନଗରରେ ଥିଲା । ଏଠାରେ ଦିତିପୁତ୍ର ହିରଣ୍ୟ କଶ୍ୟପଙ୍କର ବଂଶଧର (ହିରଣ୍ୟ କଶ୍ୟପ, ପ୍ରହ୍ଲାଦ, ବୈରୋଚନ, ବଳି, ବାଣାସୁର) ବାଣାସୁର ଶାସନ କରୁଥିଲେ । ସେତେବେଳେ ଦ୍ୱାରକାର ଅଧିପତି ଥିଲେ କୃଷ୍ଣ ।

ବାଣାସୁର ବିଷ୍ଣୁ ଭକ୍ତ ଥିଲେ ହେଁ ଶିବ ଓ ପାର୍ବତୀ ଉଭୟଙ୍କର ସେ ଥିଲା ପରମଭକ୍ତ । ସେ ସେମାନଙ୍କୁ ତା' ଭକ୍ତିରେ ଆପ୍ୟାୟିତ କରି ତୃତୀୟ ପୁତ୍ର ପାଲଟିଗଲା । ବର ସ୍ୱରୂପ ତାଙ୍କଠୁ ତା' ପାଇଁ ଅମାପ ବଳ ଓ ସହସ୍ର ଭୁଜ କରିନେଲା । ଖାଲି ସେତିକି ନୁହେଁ, ତା' ରାଜଧାନୀରେ ସେ ସେମାନଙ୍କ ଆବାସସ୍ଥଳୀ ବନାଇଦେଲା । ସେ ହେଲା ତ୍ରୈଲୋକ ଈଶ୍ୱର । ତେବେ ଦୁଃଖ ଥିଲା ଯେ ସେ ତା' ବଳ କଷିବା ପାଇଁ କୋଉ ସମକକ୍ଷ ଯୋଦ୍ଧା ନଥିଲେ । ସେ କଥା ମହାଦେବଙ୍କୁ କୁହନ୍ତେ ସେ କହିଲେ ଯେ ସେ କିଛି କାଳ ଅପେକ୍ଷା କରିବେ । ସବୁ ପାର୍ବତୀଙ୍କର ମାୟା । ସେ ଚାହୁଁଥିଲେ କିଛି ପରିବର୍ତ୍ତନର ବାତାବରଣ ସୃଷ୍ଟି ହେଉ । ସେ ତାଙ୍କ ମାୟାରେ ଦାନବ ବାଣାସୁରର ଝିଅ ଉଷା/ଓଖା ସହିତ ମାନବ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧ ସହିତ ପ୍ରେମ ସଂପର୍କ ଯୋଡି ଦେଲେ । ବାଣାସୁରର ସେନାପତି କୁମ୍ଭାଣ୍ଡ । ତା' କନ୍ୟାର ନାମ ଚିତ୍ରଲେଖା । ଚିତ୍ରଲେଖା ମଧ୍ୟସ୍ଥତାରେ/ ମାଧ୍ୟମରେ ଓଖା ଅନିରୁଦ୍ଧଙ୍କୁ ଅପହରଣ କରିଥିଲେ । ଏହାକୁ ନେଇ ବାଣାସୁର ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୁଏ । ଶିବ ବାଣାସୁରର ପକ୍ଷ ଥିଲେ । ଏଣୁ ଯୁଦ୍ଧ ପ୍ରକୃତରେ ବାଣାସୁର-କୃଷ୍ଣଙ୍କ ଯୁଦ୍ଧ କୁହାନଯାଇ ଏହାକୁ ଶିବ-ଶ୍ରୀକୃଷ୍ଣ ଯୁଦ୍ଧ କୁହାଯିବ । ଶିବ ଯଦି ପଶୁପତି ଅସ୍ତ୍ର ଏବଂ କୃଷ୍ଣ ନାରାୟଣ ଅସ୍ତ୍ର ପ୍ରୟୋଗ କରନ୍ତି, ତେବେ ଏ ପୃଥିବୀର କ'ଣ ହେବ ?

ଏଥିରେ ବ୍ରହ୍ମା ମଧ୍ୟସ୍ଥତା କରି ଶିବଙ୍କୁ କହିଲେ, ହେ କରୁଣାସାଗର ! ଆପଣ କ୍ରୋଧ ସମ୍ବରଣ କରନ୍ତୁ । ସମସ୍ତଙ୍କୁ କ୍ଷମା କରନ୍ତୁ । ହେ ପ୍ରଭୁ ଆପଣଙ୍କର ପ୍ରେରଣା ଦ୍ୱାରା ଶ୍ରୀକୃଷ୍ଣ ସମସ୍ତ ଅସୁରକୁଳକୁ ବିନାଶ କରିବାକୁ ଜନ୍ମ ନେଇଛନ୍ତି । ଆଦ୍ୟାଦେବୀ ପାର୍ବତୀ ଦେବୀଙ୍କ ବରଦାନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଆଦ୍ୟାଦେବୀ ତ ପାର୍ବତୀ ରୂପରେ ଏ ସବୁ କାର୍ଯ୍ୟ କରାଉଛନ୍ତି । ଏହା ତ ତାଙ୍କ ଲୀଳା... ସବୁ କଥା ତା' ବାଟରେ ଚାଲୁ । ଆପଣ ଆପଣଙ୍କ ଅସ୍ତ୍ର ସବୁ ଫେରାଇ ନିଅନ୍ତୁ । ଏଥିକୁ ଶିବ ଶାନ୍ତ ପଡିଲେ ।

ଶିବ ବାଣାସୁରକୁ ଡକାଇ ସବୁ ବୁଝାଇ ଦେଲେ ଏବଂ ଶତ୍ରୁତା ଭୁଲି ଯାଇ କୃଷ୍ଣଙ୍କ ସହିତ ମିତ୍ରତା ସ୍ଥାପନ କରିବାକୁ ପରାମର୍ଶ ଦେଲେ । ଖାଲି ସେତିକି ନୁହେଁ, ସେ ତାକୁ ତାଙ୍କ ଭୂତଗଣଙ୍କର ଅଧିପତି ଭାବେ ନିଯୁକ୍ତି ଦେଲେ ଏବଂ ତାକୁ ମହାକାଳ ବୋଲି ନାମିତ କଲେ ।

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର, ତ୍ରିନାଥଙ୍କ ଉପସ୍ଥିତିରେ ଅନିରୁଦ୍ଧ ଓ ଓଖାଙ୍କର ବିବାହ ହେଲା । ଶ୍ରୀକୃଷ୍ଣ ତାଙ୍କ ପୁତ୍ର ଶାମ୍ବ ପାଇଁ ମଧ୍ୟ ଓଖାଙ୍କ ସଖୀ ଚିତ୍ରଲେଖାଙ୍କ ହାତ ମାଗି ନେଲେ । ଦେବୀ ପାର୍ବତୀ ନିଜେ ନେଇ ଓଖାଙ୍କୁ ରଥରେ ବସାଇଲେ ଏବଂ କହିଲେ: ସୃଷ୍ଟି ଆରମ୍ଭରୁ ଦେବଗଣ ଓ ଅସୁରଗଣଙ୍କ ମଧ୍ୟରେ ଲାଗି ରହିଥିବା ଶତ୍ରୁତାର ଆଜି ବିନାଶ ଘଟିଲା । ଏଣୁ ତୋତେ କଲ୍ୟାଣ କରୁଛି ଯେ ତୁ ଉଭୟକୁଳକୁ ଉଜ୍ଜ୍ୱଳ କର । ଠିକ୍ ଏତିକି ବେଳେ ବ୍ରହ୍ମା ଶିବ-ଶିବାଙ୍କୁ ପ୍ରଶ୍ନ କଲେ: "ଏବେ ମୋ ପାଇଁ କ'ଣ ନିର୍ଦ୍ଦେଶ... ଏବେ ସମୟ କ'ଣ ଆସିଛି ପ୍ରଭୁ ?"

ଶିବ ଆଖି ବନ୍ଦ କରିଦେଲେ । ଏତିକି ବେଳକୁ ପାର୍ବତୀ ମହାଦେବଙ୍କ ଦେହରେ ମିଶି ଅଦୃଶ୍ୟ ହୋଇଗଲେ । ଯେଉଁଭଳି ଭାବରେ କାଳୀ ରୂପେ ଜନ୍ମଗ୍ରହଣ କରିଥିବା ଉମାଦେବୀ ଶିବଙ୍କୁ ବିବାହ ପରେ ଶିବଙ୍କ ସହ ମିଶି ଯାଇଥିଲେ ଏବଂ କାଳୀରୁ ଗୋରୀ ହୋଇଯାଇଥିଲେ; ଠିକ୍ ସେହିଭଳି ଶିବା ଏବେ ଶିବଙ୍କ ଦେହରେ ଭିନ୍ନ ଜନ୍ମ ପାଇଁ ଅଦୃଶ୍ୟ ହୋଇଗଲେ ।

ବ୍ରହ୍ମା ଶିବଙ୍କର ଅର୍ଦ୍ଧନାରୀଶ୍ୱର ରୂପ ସ୍ମରଣ କଲେ ଅଥଚ ଶିବା ମିଶିଯିବା ପରେ ଶିବଙ୍କ ଶରୀର ପୁରୁଷ କିମ୍ବା ନାରୀର ତାହା ଜଣାପଡିଲା ନାହିଁ । ଶିବ-ଶିବାଙ୍କ ମିଶ୍ରିତ ଶରୀର ଯୋନିହୀନ ଦିବ୍ୟ ଶରୀରରେ ପରିଣତ ହୋଇଗଲା । ...ଏ ଦିବ୍ୟ ରୂପ ହଠାତ୍ ଅଦୃଶ୍ୟ ହୋଇଗଲା । ପୁନଶ୍ଚ ଆଦ୍ୟାଶକ୍ତି ।

ବ୍ରହ୍ମାଙ୍କ କଣ୍ଠରୁ ସ୍ୱତଃ ବାହାରି ଆସିଲା:

***"କାଳରାତ୍ରି ନମସ୍ତୁଭ୍ୟଂ କୌମାର୍ଯ୍ୟ ଚ ନମୋ ନମଃ/ କାନ୍ତାର ବାସିନୀଂ ଦେବୀଂ ନମସ୍ୟାମି କୃତାଞ୍ଜଳିଃ...।।"***

ଏଥର ବିଜ୍ଞାନକୁ ଫେରି ଆସିବା । ଆଇନଷ୍ଟାଇନଙ୍କ ତତ୍ତ୍ୱ ବସ୍ତୁତ୍ୱର ବିଲୋପରୁ ଶକ୍ତି ଜାତ ହୁଏ । ଶକ୍ତିର ବନ୍ଧନରୁ ବସ୍ତୁତ୍ୱ । ଶକ୍ତିର ହ୍ରାସ ବୃଦ୍ଧି ନାହିଁ । ଏହା ସ୍ଥିର । ସେମିତି ଆଦ୍ୟାଶକ୍ତି ଦୁର୍ଗା ଯେଉଁ ରୂପରେ ହେଲେ ବି ସଦା ବର୍ତ୍ତମାନ : "ଶକ୍ତି" ।

***-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮***




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ବିଜ୍ଞାନ ମିହିର ରାଉତ

ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।





ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ଫ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ । କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି । ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ । ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ । ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ । ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ । ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବି ଆପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ । ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ ।



## ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଳର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

## ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।

- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

## ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

# ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ



ଅଭିନନ୍ଦିତା ସାହୁ

ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।

**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ



ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।

**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧ୍ୟାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା



ଓଡ଼ିଆ ଭାଗବତରେ ଅଛି: ***"ସାକ୍ଷାତେ ଗୁରୁ ଯେ ଈଶ୍ୱର/ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ତହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"***

ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟାଦା ରକ୍ଷାକରିପାରେ। ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବର୍ତ୍ତନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାଓ୍ସି ଗାରିବାଲ୍ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।



ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖ ଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବର୍ତ୍ତମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇଣ୍ଟରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃତ୍ତି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। ... *ତସ୍ମୈ ଶ୍ରୀ ଗୁରୁବେ ନମଃ ॥*

ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ : ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଳଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଶ୍ରୀ ବିରଜା ସେବା ସମିତି ଆନୁକୂଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉତ୍ତରୋତ୍ତର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !



ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

## ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ବାଲିଆ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ



ପାରାଦୀପ (ପିଏନ୍); ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତରେ ବିଜେପି ପକ୍ଷରୁ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସରେ ଦୁଇ ଦୁଇଟି ମିଶ୍ରଣ ପର୍ବ ଆୟୋଜନ କରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ବିରୋଧୀ ଦଳର ନେତାଙ୍କୁ ଚମକାଇ ଦେଇଛନ୍ତି। ଗତଥର ଉଭୟ ବିଜେଡ଼ି ଓ କଂଗ୍ରେସ ଦଳର ସମର୍ଥିତ ନାଏବ ସରପଂଚ, ୱାର୍ଡ଼ ସଭ୍ୟ ଓ କର୍ମୀ ଆନୁଷ୍ଠାନିକ ଭାବରେ ବିଜେପିରେ ଯୋଗ ଦେଇଥିବା ବେଳେ ପଂଚାୟତର ମହିମା ଅଲେଖ ମଠରେ ଆୟୋଜିତ ମିଶ୍ରଣ ପର୍ବ ପଦ୍ମ ଧରିଛନ୍ତି ବାଲିଆ ପଂଚାୟତ ସରପଂଚ ସରୋଜିନୀ ନାୟକ। ଏହାସହ ତାଙ୍କ ଦଳର ୧୦ ଜଣ ୱାର୍ଡ଼ ସଭ୍ୟଙ୍କ ସମେତ ଶତାଧିକ ସହଯୋଗୀ ଦଳରେ ସାମିଲ ହୋଇଥିବା ଏହି ନେତା ଓ କର୍ମୀମାନଙ୍କୁ ବିଜେପି ନେତା ସମ୍ପଦ ସ୍ୱାଗତ କରିବା ସହ ଏହାଦ୍ୱାରା ତୃଣମୂଳ ସ୍ତରରେ ସଂଗଠନ ଆହୁରି ମଜବୁତ ହେବ ବୋଲି କହିଛନ୍ତି। କୁଜଙ୍ଗ ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ଓ ଗୋପିଆକୁଦ ସରପଂଚ ଶ୍ରୀନିବାସ ସ୍ୱାଇଁଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଦି ସରକାରଙ୍କର ସୁଶାସନ ଓ ପାରାଦୀପର ବିକାଶ ଦିଗରେ କେନ୍ଦ୍ରର ପଦକ୍ଷେପକୁ ନେତାମାନେ ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଓଡ଼ିଶାରେ ଶିକ୍ଷାର ବିକାଶ ଓ ସାଧାରଣ ଜନତାଙ୍କ ସ୍ୱାବଲମ୍ବୀ କରାଇବା ଦିଗରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଗୁରୁ ଦିବସରେ ଭାରତର ପ୍ରତ୍ୟେକ ବ୍ଲକରେ ଶିକ୍ଷାର ବିକାଶ ପାଇଁ ଯୋଜନା ପ୍ରଣୟନ କରିଛନ୍ତି। ଯାହାଦ୍ୱାରା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନେତୃତ୍ୱ ପ୍ରତି ଜନତାଙ୍କ ବିଶ୍ୱାସ ବଢ଼ି ଚାଲିଛି। ଅନୁରୂପ ଭାବେ କୋଭିଡ୍ ମହାମାରି ସମୟରେ ଲୋକଙ୍କ ସମସ୍ୟା ପ୍ରତି ଯତ୍ନଶୀଳ ହେଉ ଅବା ଚଳିତ ବର୍ଷ ବନ୍ୟା ପ୍ରଭାବିତଙ୍କ ପାଖରେ ପ୍ରଶାସନକୁ ପଛରେ ପକାଇ ପ୍ରଥମେ ପହଁଚିବା ହେଉ ସବୁଥିରେ ବିଜେପି ନେତା ବଢ଼ି ବଢ଼ି ଚାଲିଥିବା ବେଳେ କଂଗ୍ରେସ ଏହାର ବିରୋଧ ନ କରି ସମ୍ପୂର୍ଣ୍ଣ ଚୁପ୍ ରହୁଛି। ଏଣୁ ବାଧହୋଇ ଆମେ ବିଜେପି ଉପରେ ଭରସା ରଖି ଦଳରେ ମିଶିଛୁ ବୋଲି ଏହି ନେତାମାନେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ସରପଂଚ ଶ୍ରୀମତି ନାୟକଙ୍କ ସମେତ ୱାର୍ଡ଼ ସଭ୍ୟ ସୌମେନ୍ଦ୍ର ପ୍ରଧାନ, ନିରୂପମା ପ୍ରଧାନ, ପ୍ରତାପ ସେଠୀ, ସୁଷମା ସ୍ୱାଇଁ, ପଦ୍ମିନୀ ଦଳାଇ, ସସ୍ମିତା ମହାନ୍ତି, କଲ୍ୟାଣୀ ବେହେରା, ନରେଶ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଶୁଭ ଦାସ, ପ୍ରକାଶ ପ୍ରଧାନ, ବୁନୁ ବାରିକ, ବାପିନା ପ୍ରଧାନ, ମନ ନାଥ, ଚରଣ ସେଠୀ, ମାନସ ସ୍ୱାଇଁ, ସୁନାକର ପ୍ରଧାନ, ହାପି ନାଥ, ଦିନ ଛଟେଇ, ମୂଳିଆ ଦାଶ, ମନ ଦାଶ, ସୁରେନ୍ଦ୍ର ସ୍ୱାଇଁ, କୈଳାଶ ସ୍ୱାଇଁ, ରମାକାନ୍ତ ସ୍ୱାଇଁ, ଫକିର ପଲେଇ, ମୁରଲି ପଲେଇ ଓ ଗନ୍ଧର୍ବ ପଲେଇଙ୍କ ସମେତ ଶତାଧିକ ବିଜେଡ଼ି ଓ କଂଗ୍ରସ କର୍ମୀମାନେ ବିଜେପିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ବାରିକ ଓ ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅଞ୍ଚଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁଷ୍କର୍ମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭିତ୍ତି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।




# ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର,୭/୧୦: ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି ପକ୍ଷରୁ ଭସାଣି ମହୋତ୍ସବ ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ମହୋତ୍ସବ ଦୁର୍ଗା ମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଉ□ର ଭୁବନେଶ୍ୱର ଭସାଣି ଉତ୍ସବରେ ଉ□ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୩ ଟି ମେଢ ଅଂଶଗ୍ରହଣ କରିଥିଲେ । କ୍ଲବଟାଉନ୍ ପାଖ ମେଳଣ ପଡିଆଠାରୁ ମେଢ଼ ଗୁଡିକ ବାହାରି ଓମଣା ଛକ, ନାଲକୋ ଛକ, ଆଚାର୍ଯ୍ୟ ବିହାର ହୋଇ କୁଆଖାଇ ନଦୀ ଅଭିମୁଖେ ଯାତ୍ରା କରିଥିଲେ । ଡିଷ୍ଟ୍ରିକ୍ଟ ସେଣ୍ଟର ପାଖରେ ପହଞ୍ଚିବା ପରେ ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟି ତରଫରୁ ଉକ୍ତ ମେଢ ଓ କମିଟିର ସଦସ୍ୟ ମାନଙ୍କୁ ସ୍ୱାଗତ କରାଯିବା ସହ କମିଟିର ସଭାପତି ଓ ସମ୍ପାଦକଙ୍କୁ ଉ□ରୀୟ, ପୁଷ୍ପମାଲ୍ୟ ଓ ମିଠା ହାଣ୍ଡି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଜୋନ୍ ୬ ର ଏସିପି ରମେଶ ଚନ୍ଦ୍ର ବିଶୋଇ,



ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ, ଇସେଟି ଥାନା ଅଧିକାରୀ ସମିତା ମିଶ୍ର, କର୍ପୋରେଟର ମିହିର କୁମାର ରାଉତ, ବିପ୍ଳବ କୁମାର ବେହେରା, ସାମ୍ବାଦିକ ସୁକାନ୍ତ କୁମାର ରାଉତ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡିଷ୍ଟ୍ରିକ୍ଟ ସେଣ୍ଟର ପୂଜା କମିଟିର ସଭାପତି ଲାୟନ୍ସ ବିଶ୍ୱନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଯୁବନେତା, ବିଜେଡି ଜିଲ୍ଲା ସମ୍ପାଦକ ତଥା ସମାଜସେବୀ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଇନଜିବୀ ସମରେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । କମିଟି ତରଫରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ।

# ବିଜୟ ନାୟକ ହେଲେ କନ୍ଧମାଳ ଜିଲ୍ଲା ନୂତନ ପର୍ଯ୍ୟବେକ୍ଷକ

କନ୍ଧମାଳ,(ପି.ଏନ):ରାଜ୍ୟରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ସାଙ୍ଗଠନିକ ଜିଲ୍ଲାରେ ନୂତନ ପର୍ଯ୍ୟବେକ୍ଷକ ନିଯୁକ୍ତି ଦିଆଯାଇଛି । ଏହି ପ୍ରରିପେକ୍ଷୀରେ କନ୍ଧମାଳ ଜିଲ୍ଲା ପାଇଁ ବିଜେଡି ନେତା ବିଜୟ ନାୟକଙ୍କୁ ଦଳ ନୂତନ ଭାବେ ନିଯୁକ୍ତି ଦେଇଛି । ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଆଜି ଏହି ନିଯୁକ୍ତି ଦେଇଛନ୍ତି । ବିଜୟ ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ । ସେ ବିଜେଡ଼ିର ସାଧାରଣ ସମ୍ପାଦକ ଅଛନ୍ତି । ଏଥି ପୂର୍ବରୁ ସେ ଢେଙ୍କାନାଳ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ । ବିଜୟଙ୍କ ନିଯୁକ୍ତି ଦେବା ପରେ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର କର୍ଣ୍ଣ, ନଗର ସଭାପତି ସୁଧୀର କହଁର, ନଗର ଯୁବ ବିଜେଡି ସଭାପତି ପାର୍ଥ ବିଶ୍ୱାଳ, ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ସଂଖ୍ୟାଲଘୁ ସମ୍ପ୍ରଦାୟ ନେତା ମହମଦ ୟାସୀନଙ୍କ ସମେତ ବହୁ ବିଜେଡି ନେତା ଓ ବିଧାୟକ ମାନେ ସ୍ୱାଗତ ଜଣାଇଛନ୍ତି । ବିଜୟଙ୍କ ନେତୃତ୍ୱରେ ଜିଲାରେ ସଂଗଠନ ଅଧିକ ସୁଦୃଢ ହେବା ସହ ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳ ପୂର୍ବାପେକ୍ଷା ଭଲ କରିବ ଓ ଅଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବ ବୋଲି ଏହି ନେତାମାନେ ଆଶା ପ୍ରକଟ କରିଛନ୍ତି ।

# ଅଫେରା ବାଟରେ ଚାଲିଗଲେ ବିଭୁଭାଇ

ଭୁବନେଶ୍ୱର,(ପି.ଏନ): ସମସ୍ତଙ୍କ ଆଖିରେ ଲୁହ ଦେଇ ଚାଲିଗଲେ ବିଭୁଭାଇ ଓରଫ ବିଭୁ କଲ୍ୟାଣ ମହାନ୍ତି । ନୀତି ଆୟୋଗର ଦୁଇଦୁଇଥର ପରାମର୍ଶଦାତା ବିଭୁ ଭାଇଙ୍କ ପାର୍ଥିବ ଶରୀର ବିଭୁ ପାଦ ତଳେ ବିଲୀନ ହୋଇସାରିଛି । ସ୍ଥୁଳ ଶରୀରରେ ସେ ଆଉ ନାହାନ୍ତି କାହାକୁ ଦୁଇପଦ କଥା ଓ ପରାମର୍ଶ ଦେବାକୁ । ବେଳ ହେବା ପୂର୍ବରୁ ସେ ଲେଉଟି ଯାଇଛନ୍ତି ସେ ପୁରକୁ । ମାତ୍ର ଛ ଦଶନ୍ଧିର କାଳଖଣ୍ଡ ଭିତରେ ଅନେକ ଭୂମିକାରେ ଅଭିନୟ କରି ସଂସାର ରଙ୍ଗମଂଚରୁ ନିରବୀ ଯାଇଛି ତାଙ୍କର ସଦା ହସ ହସ ଚେହେରା । ରାଜ୍ୟ ତଥା ରାଜ୍ୟ ବାହାରେ ସେ ନିଜକୁ ଜଣେ ପେଷାଦାର ସମାଜ ବିଜ୍ଞାନୀ ଭାବେ ସୃଷ୍ଟି କରିଥିଲେ ନିଆରା ପରିଚୟ । କଟକ ପ୍ୟାରୀମୋହନ ଏକାଡେମୀରୁ ମାଟ୍ରିକ ପାସ କରିବା ପରେ ରେଭେନ୍ସା ଓ ଜେଏନୟୁରୁ ଉଚ୍ଚ ଶିକ୍ଷା ଗ୍ରହଣ କରି ଯୋଗ ଦେଇଥିଲେ ସମାଜସେବାରେ । ସଫଦର ହାସମୀଙ୍କ ନାଟକ ଦଳରେ ଯୋଗଦେଇ ନାଟକ ମାଧ୍ୟମରେ ସୃଷ୍ଟି କରୁଥିଲେ ସାମାଜିକ ସଚେତନତା । ପରେ ପରେ ସେ ଓଡିଶା ଫେରି ଆସି ଇଣ୍ଡୋ ଜର୍ମାନ ସୋସିଆଲ ସର୍ଭିସ ସୋସାଇଟିରେ ଆଂଚଳିକ ପ୍ରାବନ୍ଧିକ ଭାବେ ଓଡିଶା ,ଝାରଖଣ୍ଡ ଓ ବିହାରର ନେଇଥିଲେ ଦାୟିତ୍ୱ । ପଦ୍ମଶ୍ରୀ ସ୍ୱର୍ଗତ ପ୍ରଫେସର ରାଧାମୋହନଙ୍କ ସହିତ ସେଂଟର ଫର ୱାଲଡ ସଲିଡାରିଟିର ପରାମର୍ଶଦାତା ଭାବେ ମନୋନୀତ ହୋଇଥିଲେ । ଲୋକ ସ୍ୱାସ୍ଥ୍ୟ ପରମ୍ପରାକୁ ଉଜ୍ଜୀବିତ ପାଇଁ ଥିଲା ତାଙ୍କର ବଡ଼ ଯୋଗଦାନ । ପାରମ୍ପରିକ ଚିକିତ୍ସକ ମାନଙ୍କୁ ଏକାଠି କରି ଉଲ୍ଲେଖନୀୟ କାମ କରୁଥିବା ସମ୍ବନ୍ଧ ସଙ୍ଗଠନକୁ ସୁଦୃଢ କରିବା ଦିଗରେ ତାଙ୍କର ରହିଥିଲା ବିଶେଷ ଭୂମିକା । କେନ୍ଦ୍ର ସରକାରଙ୍କ ନୀତି ଆୟୋଗକୁ ସେ ଦୁଇଦୁଇଥର ମନୋନୀତ ହୋଇ ଭାରତୀୟ ପାରମ୍ପରିକ ଚିକିତ୍ସା କ୍ଷେତ୍ରରେ ଲୁପ୍ତ ହୋଇଯାଉଥିବ ଜ୍ଞାନର ତଥ୍ୟାୟନ ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଚାହିଁଥିଲେ ସେ ବିଳାସୀ ଜୀବନ ଅତିବାହିତ କରିପାରି ଥାଆନ୍ତେ ,କିନ୍ତୁ ସେ ସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ । ଅଧିକାଂଶ ସମୟ ମୟୁରଭଞ୍ଜ ,କେନ୍ଦୁଝର ,ଭଦ୍ରକ ,ରାୟଗଡା ଆଦି ଜିଲ୍ଲାକୁ ଗସ୍ତ କରିବାରେ ବିତୁଥିଲା । ତାଙ୍କରି ମାର୍ଗଦର୍ଶନରେ ବିଭିନ୍ନ ଜିଲ୍ଲାରେ ପାରମ୍ପରିକ ବୈଦ୍ୟସଂଘ ଗଢ଼ାଯିବା ସହିତ ରାଜ୍ୟସ୍ତରୀୟ ଉତ୍ପାଦକ ଦଳ ଗଢାଯାଇଥିଲା । ରାଜ୍ୟରେ ପ୍ରଥମ କରି ସେ ବୈଦ୍ୟ ସମ୍ମିଳନୀ ଆୟୋଜନ ପାଇଁ ତାଙ୍କର ଥିଲା ମାର୍ଗଦର୍ଶନ ।ଏସ ଆଇ ଆର ଡି ସହିତ ମିଶି ପଂଚାୟତିରାଜ ଲୋକ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଉପକରଣ ପ୍ରସ୍ତୁତି କରିବା, ବିପର୍ଯ୍ୟୟ ପରିଚାଳନାରେ ୱାର୍ଡ ସ୍ତରୀୟ ଅଣୁଯୋଜନା ଉପରେ ସେ ଜନଓକିଲାତି କରୁଥିଲେ । ଆୟୁର୍ବେଦ ,ଯୋଗ ,ୟୁନାନି ,ସିଦ୍ଧ ଓ ହୋମିଓପ୍ୟାଥିକ ଚିକିତ୍ସା ଉପରେ ତାଙ୍କର ରହିଥିଲା ପ୍ରବଳ ଆସ୍ଥା । ଜୀବନର ଶେଷ ସମୟ ଯାଏଁ ସେ ପ୍ରାଣଘାତି କିଡନୀ ରୋଗ ସହିତ ଲଢୁଥିବା ବେଳେ ପାରମ୍ପରିକ ଉପଚାର ପାଇଁ ଇଚ୍ଛା କରୁଥିଲେ ।ତାଙ୍କର ପାର୍ଥିବ ଶରୀର ପଂଚଭୂତରେ ବିଲୀନ ହୋଇଯାଇଛି । ମୁଠାଏ ମାଟି ହୋଇଯାଇଛି ନଶ୍ୱର ଶରୀର । କିନ୍ତୁ କାଳଜୟୀ ହୋଇଯାଇଛି ତାଙ୍କର ସମାଜ ପାଇଁ ରହିଥିବା ଯୋଗଦାନ ।

# ଧାମରାରେ ବୋଟ୍ ଦୁର୍ଘଟଣା, ନିଆଁରେ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଗଲା ବୋଟ୍

ଭଦ୍ରକ, (ପି.ଏନ): ଏହି ଜିଲାର ଧାମରା ନିକଟସ୍ଥ ଅବଦୁଲ କଲାମ ଘାଟି ନିକଟରେ ଏକ ବୋଟ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ୧୦ ମତ୍ସ୍ୟଜୀବୀ । ଘଟଣା ସ୍ଥଳରେ ବୋଟଟି ପୋଡିଯାଇ ପାଣିରେ ହଜିଯାଇଛି । ପ୍ରାପ୍ତ ଖବରରୁ ଜଣାଯାଇଛି ଧାମରା ନିକଟସ୍ଥ କାଳିନାଳୀ ଠାରୁ ଏକ ବୋଟ୍ ପଦ୍ମାବତୀ ଗତକାଲି ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲା । ଆଜି ସକାଳ ସମୟରେ ସମସ୍ତ ବୋଟର ମତ୍ସ୍ୟଜୀବୀ ଜାଲ ଟାଣୁଥିବାବେଳେ ଅଚାନକ ବୋଟ ମଧ୍ୟରେ ନିଆଁ ଲାଗିଯାଇଥିଲା । ତତ୍‌କ୍ଷଣାତ ସମସ୍ତ ମତ୍ସ୍ୟଜିବୀ ବେତାର ମାଧ୍ୟମ ସାହାଯ୍ୟରେ ନିକଟସ୍ଥ ଥାନା ଏବଂ ମାଛ ଧରୁଥିବା ସମସ୍ତ ବୋଟକୁ ଖବର ପ୍ରେରଣ କରିଥିଲେ । ଏହି ବେତାର ଖବର ପାଇବା ପରେ ନିକଟରେ ମାଛ ମାରୁଥିବା ବୋଟଯାଇ ଅବଦୁଲ କଲାମ ଘାଟି ନିକଟରୁ ୧୦ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା । ମାତ୍ର ସମସ୍ତ କର୍ମଚାରୀ ଏହି ପଦ୍ମାବତୀ ବୋଟରେ ଥିବାବେଳେ ଗଭୀର ସମୁଦ୍ରରେ ବୋଟ୍‌ଟି ସଂପୂର୍ଣ୍ଣ ପୋଡ଼ି ପାଉଁଶ ହେବାପରେ ବୋଟ୍‌ର ଇଞ୍ଜିନ୍‌ଟି ସମୁଦ୍ର ମଧ୍ୟକୁ ଗଳି ପଡ଼ିଥିଲାବୋଲି ପ୍ରତକ୍ଷ୍ୟଦର୍ଶୀଙ୍କ ନିକଟରୁ ପ୍ରକାଶ । ଏହି ଖବର ପ୍ରସାରିତ ହେବାପରେ ମଧ୍ୟ ଧାମରା ସାମୁଦ୍ରିକ ଥାନା ଏବଂ ଅବଦୁଲ କଲାମ ଘାଟି ନିକଟରେ ଥିବା ତାଳଚୁଆ ମେରାଇନ ଥାନା ପକ୍ଷରୁ କୌଣସି ସାହାଯ୍ୟ ମିଳିପାରି ନଥିବାବେଳେ ଅନ୍ୟ ମତ୍ସ୍ୟଜିବୀଙ୍କ ଦ୍ୱାରା ଦୁର୍ଘଟଣା ହୋଇଥିବା ବୋଟର ମତ୍ସ୍ୟଜିବୀମାନେ ଉଦ୍ଧାର ପାଇଥିଲେ । କେଉଁ ପରିସ୍ଥିତିରେ ଏହି ବୋଟ୍‌ରେ ନିଆଁ ଲାଗିଲା ଏବଂ କାହିଁକି ମାଛ ଧରୁଥିବା ବୋଟ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରାଯାଉ ନାହିଁବୋଲି ସର୍ବସାଧାରଣରେ ପ୍ରଶ୍ନବାଚୀ ହୋଇପଡ଼ିଛି । ଏହି ବୋଟ୍‌କୁ ଉଦ୍ଧାର କରିବାକୁ ଧାମରା ମେରାଇନ ଥାନା ପକ୍ଷରୁ ଯାଇଥିବା ବୋଟ୍‌ଟି ଗଭୀର ସମୁଦ୍ରକୁ ଯିବାକୁ ସକ୍ଷମ ହୋଇପାରି ନଥିଲା ଅଥବା ଏହି ବୋଟରେ ଥିବା ସୁରକ୍ଷାକର୍ମୀ ନିଜକୁ ସୁରକ୍ଷା ଦେବାକୁ ଯାଇ ଘଟଣାସ୍ଥଳକୁ ଗଲେନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ହୋଇପଡ଼ିଛି । ଆଜି ଏହି ଘଟଣା ସକାଳ ୧୦ଟା ସମୟରେ ଘଟିଥିବାବେଳେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଧାମରା ମେରାଇନ ଥାନାଧିକାରୀ ଏବଂ ଉଦ୍ଧାର ପାଇଥିବା ୧୦ ବୋଟ କର୍ମଚାରୀଙ୍କ କଥାରେ ତାଳମେଳ ରହୁ ନଥିଲା । ଉଦ୍ଧାର ପାଇଥିବା କର୍ମଚାରୀମାନଙ୍କୁ ଅନ୍ୟ ଏକ ମାଛଧରା ବୋଟ ସନ୍ଧ୍ୟା ୬.୧୦ରେ ଆଣି କାଳିନାଳୀ ଠାରେ ପହଂଚିଥିଲା । ପରେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଜଣାପଡ଼ିଛି । ମାତ୍ର ପ୍ରଶ୍ନଉଠେ ଧାମରା, ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଜ୍ଞ କର୍ମଚାରୀ ଥିବାବେଳେ କାହିଁକି ଅସୁବିଧା ସମୟରେ ସେମାନେ ଏହି ମତ୍ସ୍ୟଜିବୀମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହେଲେ ତାହାକୁ ନେଇ ସାଧାରଣରେ କୁହେଳିକା ସୃଷ୍ଟି ହୋଇଛି । ତୁରନ୍ତ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବୋଟରେ ସମସ୍ତ ନିରପତା ସରଞ୍ଜାମ ରଖିବାକୁ ଅଂଚଳବାସୀ ଦାବି କରିଛନ୍ତି । ଉଦ୍ଧାର ପାଇଥିବା ବୋଟରେ ଡ୍ରାଇଭର କାର୍ତିକ ଦାସ, ପରେମେଶ୍ୱର କଅଁର, ଭଜହରୀ ବୋର,ସରେନ୍ ମଣ୍ଡଳ, ରବି କର, ସୁରଞ୍ଜନ ପାତ୍ର, ଗଙ୍ଗା ମାଇତି, ମିଥୁନ ବୋର, ଚଗୁଲୁ ଓ ସୁଶାନ୍ତଙ୍କୁ ମିଶାଇ ମୋଟ ୧୦ ଜଣ କର୍ମଚାରୀ ଥିଲେ ।

# ଭଦ୍ରକରେ ଜଗତ୍‌ଜନନୀଙ୍କୁ ଶାନ୍ତି-ଶୃଙ୍ଖଳା ସହ ବିଦାୟ

ଭଦ୍ରକ, (ପି.ଏନ): ରାଜ୍ୟର ଅନ୍ୟସ୍ଥାନ ଭଳି ଭଦ୍ରକ ସହରରେ ଦୁର୍ଗାପୂଜା ଚଳିତ ବର୍ଷ ବେଶ ଯାକଜମକ ସହକାରେ ସପ୍ତମୀ ପୂଜାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଭସାଣିରେ ଶେଷ ହୋଇଛି । ତେବେ ଭଦ୍ରକାଳୀ ପୀଠରେ ମା' ଭଦ୍ରକାଳୀଙ୍କର ଏହି ଦୁର୍ଗାପୂଜା ଅବସରରେ ଷୋଡ଼ଶ ଉପଚାରରେ ପୂଜା ହୋଇଆସୁଛି । ଭଦ୍ରକ ଜିଲାରେ ଚଳିତବର୍ଷ ସମୁଦାୟ ୧୫୨ ଟି ସାର୍ବଜନୀନ ଦୁର୍ଗାମେଢ଼ ପୂଜା ପାଇ ଗତକାଲି ରାତିରୁ ଆଜି ପର୍ଯ୍ୟନ୍ତ ଭସାଣି ଉତ୍ସବ ଚାଲୁ ରହିଛି । ଏହି ଭସାଣି ଉତ୍ସବରେ ମେଢ ମଧ୍ୟରେ ମା' ବଙ୍କବାସୁଲୀ, ଗାନ୍ଧିପଡ଼ିଆ, ସାଳନ୍ଦୀ-ବାଇପାସ, ଜାନୁଗଞ୍ଜ, ତୈଳିକ ବୈଶ୍ୟ ମହାସଂଘ, ଚରମ୍ପା ବଜାର, ଓଏଆରଟିସି ଗ୍ୟାରେଜ, ରେଳବାଇ କମିଟି, ସନ୍ଥିଆ, ନିଳକଣ୍ଠପୁର, ଗବସାହି, ଅପର୍ତିବିନ୍ଧା, ବାଉଦପୁର, ସଙ୍ଗତ, ବିଶାଣି ଖରିଦା, ଚନ୍ଦନ ବଜାର, ଚରମ୍ପା ସ୍କୁଲ ରୋଡ଼, ଚୁନ୍‌ଟି ପୂଜା କମିଟି, ଚରମ୍ପା କେନାଲ ବନ୍ଧ, ବାଇପାସ୍ ନିକଟ ଛପୁଲିଆ ଭଳି ସ୍ଥାନମାନଙ୍କରେ ବିସର୍ଜିତ କରାଯାଇଛି ।

# ତୁଳସୀକ୍ଷେତ୍ରରେ କା□ିକ ପଞ୍ଚୁକ ବ୍ରତ ପାଳନ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୭।୧୦: ପୁରାଣ ପ୍ରସିଦ୍ଧ ବ୍ରହ୍ମକ୍ଷେତ୍ର ତୁଳସୀକ୍ଷେତ୍ରରେ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ବେଢା ଭିତରେ କା□ିକ ପଞ୍ଚୁକବ୍ରତ ଓ ହବିଷ୍ୟାନ୍ନ ସେବା ଅତ୍ୟନ୍ତ ପବିତ୍ର ଓ ଧାର୍ମିକ କାର୍ଯ୍ୟକ୍ରମ । ସଂପୂର୍ଣ୍ଣ ଆଧାତ୍ମିକ ପରିବେଶ ମଧ୍ୟରେ ଏହି ପବିତ୍ର ପୀଠରେ ଆସନ୍ତା ନଭେମ୍ବରମାସ ୩ତାରିଖ ଠାରୁ ୮ତାରିଖ ପର୍ଯ୍ୟନ୍ତ କା□ିକ ପଞ୍ଚୁକବ୍ରତ ଓ ହବିଷ୍ୟାନ୍ନ ସେବା ପାଳନ କରାଯିବ । ଧର୍ମପ୍ରାଣା ମହିଳାମାନେ ଏହି ପୂଣ୍ୟକ୍ଷେତ୍ରରେ ପଞ୍ଚୁକ ବ୍ରତରେ ବୈଷ୍ଣବ ଲୀଳାମୃତ ଶ୍ରବଣ କରିବା ସହ କା□ିକ ପଞ୍ଚୁକ ବ୍ରତ ପାଳନ କରିବାକୁ ଗରାପୁର ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା' ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ସମସ୍ତ ଆଧାତ୍ମିକ ପ୍ରେମୀ ମହିଳାମାନଙ୍କୁ ନିବେଦନ କରିଛନ୍ତି । ତୁଳସୀକ୍ଷେତ୍ରରେ ଏହି ବ୍ରତ ପାଳନ ପାଇଁ ରହଣି ଓ ଭୋଜନର ବ୍ୟବସ୍ଥା କରାଯିବ । ନିଜର ସମସ୍ତ ଆବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ସଙ୍ଗରେ ନେଇ ଆସିବାକୁ ନିବେଦନ କରାଯାଇଛି । ଛୋଟ ଶିଶୁମାନଙ୍କୁ ସଙ୍ଗରେ ଆଣିବେ ନାହିଁ । ଏହି କା□ିକମାସ ପଞ୍ଚୁକ ବ୍ରତ ମହାପୂଣ୍ୟ କାର୍ଯ୍ୟରେ କେନ୍ଦ୍ରାପଡା ସହର ସନ୍ନିକଟ ଗରାପୁର ଦିବ୍ୟଜୀବନ ସଙ୍ଘ , ଶିବାନନ୍ଦ ଆଶ୍ରମକୁ ମୋବାଇଲ ନଂ- ୯୮୫୩୯୨୪୦୨୭/ ୯୯୩୭୧୦୧୧୯୭ରେ ଯୋଗାଯୋଗ କରିବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି ।

# ଆଦର୍ଶ ଶିକ୍ଷକ ବୀରକିଶୋର ରାଉତଙ୍କ ବିୟୋଗରେ ସ୍ମୃତିସଭା

କେନ୍ଦ୍ରାପଡ଼ା,୭।୧୦: ଯାଜପୁର-କେନ୍ଦ୍ରାପଡା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ ଗ୍ରାମପଞ୍ଚାୟତର ଚରପଡା ଗ୍ରାମରେ ଶିକ୍ଷକ ନେତା ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ବୀରକିଶୋର ରାଉତଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତାଙ୍କ ଚରପଡାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଡଃ. ପ୍ରଭାତ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଶିକ୍ଷାବିତ ଧ୍ରୁବ ଚରଣ ପାତ୍ର, ଇଂ ମୂରଲୀଧର ସେଠୀ, ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର, ପୂର୍ବତନ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ପ୍ରଫୁଲ୍ଲ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ ପୂର୍ବକ ତାଙ୍କପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିକେତନ ଜେନା, ପରମାନନ୍ଦ ଥାଟୋଇ, ଭ୍ରମରବର ରାଉତ, ମଦନମୋହନ ସ୍ୱାଇଁ, ସଞ୍ଜୟ ସାହୁ, ଅନାଦି ଚରଣ ଦାସ, ଚିରଞ୍ଜନ ରାଉତ, ପ୍ରଣବ କୁମାର ଜେନା, ଅମର ରାଉତ, ବାସନ୍ତୀ ସାହୁ, ପ୍ରଦୀପ ଦାସ, ବ୍ରଜକିଶୋର ପତି, କେଶବ ବିଶ୍ୱାଳ, ସରୋଜକାନ୍ତ ପଣ୍ଡା, ରଘୁନାଥ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାବିତ ପ୍ରଣବ କୁମାର ଜେନା ସ୍ମୃତିସଭାକୁ ପରିଚାଳନାରେ କରିଥିବା ବେଳେ ସ୍ୱର୍ଗତ ରାଉତଙ୍କ ଝିଅ ଶୈଳବାଳା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷା ପ୍ରବୀଣ ପ୍ରଫେସର ରବିଶଙ୍କର ପାଣ୍ଡିଆ ଆଉନାହାନ୍ତି

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀରର ବିଶିଷ୍ଟ ଶିକ୍ଷାବିତ୍, ଗାନ୍ଧୀବାଦୀ ବିଚାରକ, ଅର୍ଥନୀତି ବିଶାରଦ ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପିଜି କାଉନସିଲ ଚେୟାରମେନ ପ୍ରଫେସର ରବିଶଙ୍କର ପାଣ୍ଡିଆ (୬୨)ଙ୍କର ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ପ୍ରାୟ ୫ ମାସ ତଳେ ସେ କ୍ୟାନସରରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ସେହିଦିନଠାରୁ ସେ ଭୁବନେଶ୍ୱରରେ ରହି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ବିୟୋଗରେ ବୌଦ୍ଧିକ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଜଣେ ପ୍ରଜ୍ଞାଦୀପ୍ତ ସୁଲେଖକ, ସୁବକ୍ତା ଓ ସୁଚିନ୍ତକ ଭାବେ ସେ ବିଭିନ୍ନ ଶୈକ୍ଷିକ, ବୈଦ୍ଧିକ ଓ ସାମାଜିକ ଅନୁଷ୍ଠାନ ସହ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସକ୍ରିୟ ରହିଥିଲେ ।

ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆ ଓ ସ୍ୱର୍ଗତା ଗିରିଜା ଦେବୀ ପାଣ୍ଡିଆଙ୍କ ସାନପୁଅ ସ୍ୱର୍ଗତ ପ୍ରଫେସର ପାଣ୍ଡିଆ ୨୫ ଡିସେମ୍ବର ୧୯୬୦ ମସିହାରେ ପାଟଣାଗଡ଼ ଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ମେଧାବୀ ଛାତ୍ର ଭାବେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରୁ ମାଟ୍ରିକ, ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ସ୍ନାତକୋତ୍ତର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ବିଷୟରେ ଏମଫିଲ ଡିଗ୍ରୀ ହାସଲ କରିଥିଲେ । ଏହାପରେ ପାଟଣାଗଡ଼ ଜବାହରଲାଲ କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଯୋଗଦେଇ ଅଧ୍ୟାପନା ଆରମ୍ଭ କରିଥିଲେ । ଓ ପିଏଚଡି ଯୋଗ୍ୟତା ହାସଲ କରି ସେ ଜୟପୁର ବିକ୍ରମ ଦେବ କଲେଜ, ଭବାନୀପାଟଣା କଲେଜ ଓ ବଲାଙ୍ଗୀର ରାଜେନ୍ଦ୍ର କଲେଜରେ ଅଧ୍ୟାପନା କରିଥିଲେ । ରାଜେନ୍ଦ୍ର କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପରେ ପିଜି କାଉନସିଲ ଚେୟାରମେନ ଭାବେ ଦାୟିତ୍ୱ ତୁଲାଇଥିଲେ । ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟରେ ଅପଗ୍ରେଡ କରିବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ୧୯୮୭ ମସିହାରେ ସାମ୍ବାଦିକ ଗୌରବ ସ୍ୱର୍ଗତ ଶିବପ୍ରସାଦ ପାଣ୍ଡିଆଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ବିଚାରଶୀଳ ସାପ୍ତାହିକ ରୁଦ୍ରଆହ୍ୱାନ ସହ ଜଡିତ ରହି ପଶ୍ଚିମ ଓଡ଼ିଶା, ବିଶେଷକରି ୮୦ ଓ ୯୦ ଦଶକର ଅବିଭକ୍ତ ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ଅନାହାର, ପିଲାବିକ୍ରି, ଦାଦନ ସମସ୍ୟା, ଦାରିଦ୍ର୍ୟ, ଶୋଷଣ ଓ କଷଣ ଉପରେ କଲମ ଚାଳନା କରି ଆଞ୍ଚଳିକ ବୈଷମ୍ୟ ଓ ଚରମ ଉପେକ୍ଷା ପ୍ରସଙ୍ଗ ଉଜାଗର କରିଥିଲେ । ଦେଶରେ ଉଦାରବାଦୀ ଅର୍ଥନୀତି ଗ୍ରହଣ ପରେ ବିଶେଷ କରି ଅନଗ୍ରସର ଅଞ୍ଚଳରେ ରାଜନୈତିକ, ପ୍ରଶାସନିକ, ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିଭଙ୍ଗୀ କିଭଳି ପ୍ରଭାବିତ ହୋଇଥିଲା ତା'' ଉପରେ ବହୁ ଗବେଷଣାତ୍ମକ ନିବନ୍ଧ, ସମ୍ପାଦକୀୟ ଓ ବକ୍ତବ୍ୟ ରଖିଥିଲେ । ଯୁବପିଢ଼ି ବିଶେଷକରି ଛାତ୍ରଛାତ୍ରୀଙ୍କ ଭିତରେ ଗାନ୍ଧିବାଦୀ ବିଚାର ଓ ସାମାଜିକ ରଚନାତ୍ମକ କାର୍ଯ୍ୟ ସଂରଚନା ଉପରେ ସେ ଗୁରୁତ୍ୱ ଦେଇଆସିଥିଲେ । ମାଗଣାରେ ଛାତ୍ରଛାତ୍ରୀଙ୍କୁ ସେ ନିଜ ଘରେ ଶିକ୍ଷାଦାନ କରି ସେମାନଙ୍କ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ କରୁଥିଲେ । ଜଣେ ବୁଦ୍ଧିଜୀବୀ ଓ ଶିକ୍ଷାବିତ ଭାବେ ବହୁ ପ୍ରାଦେଶିକ ଓ ଜାତୀୟ ଆଲୋଚନାଚକ୍ର, ସମ୍ମାନ ଓ କର୍ମଶାଳାରେ ଯୋଗଦାନ କରିଥିଲେ । ତାଙ୍କ ଅକାଳ ବିୟୋଗ ବଲାଙ୍ଗୀର ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଶୋକର ବାତାବରଣ ସୃଷ୍ଟି କରିଛି । ଏକମାତ୍ର ପୁତ୍ର ବିପ୍ଳବ କେଶରୀ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ତ୍ରୀ ତପତି ପାଣ୍ଡିଆ, ବଡ଼ଭାଇ ସୁଶୀଳ କୁମାର, ଭାଉଜ, ପୁତୁରା ସଂଗ୍ରାମ, ଭାଇ ପ୍ରଭାତ, ପ୍ରମୋଦ, ମୋହନ, ନିହାର, ସମୀର ନାୟକ, ସମସ୍ତ ଭଉଣୀ ଓ ଜ୍ୱାଇଁ ଅଜିତ ଯୋଷୀ, ସତ୍ୟ ପାଣିଗ୍ରାହୀ, ସମ୍ପର୍କୀୟ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଏମପିଭି ୮ ଗ୍ରାମରୁ ୨୦କେଜିର ଅଜଗର ଉଦ୍ଧାର

ମାଲକାନଗିରି, (ପି.ଏନ): କାଲିମେଳା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପଲ୍ଲି ଗ୍ରାମ ପଂଚାୟତର ଏମପିଭି ୮ ନମ୍ବର ଗ୍ରାମର ଜଣଙ୍କର ଘରେ ପଶି କୁକୁଡ଼ା ଖାଇଛି ବିଶାଳକାୟ ଅଜଗର । ଅଜଗରଟି ୩ଟି କୁକୁଡ଼ା ଖାଇଦେବା ପରେ ପରିବାର ଲୋକେ ଭୟଭୀତ ହୋଇ ମାଲକାନଗିରିର ସ୍ନେକ ହେଲ୍ପ ଲାଇନର ସଦସ୍ୟକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ । ପରେ ସ୍ନେକ ହେଲପ ଲାଇନର ସଦସ୍ୟ ବଳରାମ ଭଞ୍ଜ ଏବଂ ଶରତ ପୂଜାରୀ ଉଭୟ ଏମପିଭି ୮ ଗ୍ରାମରେ ପହିଂଚି ଅଜଗର ସାପଟିକୁ ଧରିବାରେ ସକ୍ଷମ ହୋଇଥିଲେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ବିପିନ ବିହାରୀ ସ୍ୱାଇଁଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ସମ୍ମାନ



ଦର୍ପଣ, (ପିଏନ) : ଚଣ୍ଡିଖୋଲ ନିକଟ ଗାନ୍ଧୀଛକ ସ୍ଥିତ ବିଣାପାଣି କଳାପୀଠର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଁଙ୍କୁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ୨୦୨୨ ପ୍ରଦାନ କରାଯାଇଛି। ଆଜି ଭୁବନେଶ୍ୱର ୟୁନିଟ୍ ୪ ସ୍ଥିତ ବୁଦ୍ଧ ଭବନ ପ୍ରକ୍ଷାଳୟ ଠାରେ ଜନସେବକ ଫାଉଣ୍ଡେସନ ଓ ମୁଗୁପୁର ସମାଚାରର ୧୧ତମ ସ୍ୱନକ୍ଷେତ୍ର ଦିବସ ତଥା ଦୁର୍ଗାପୁଜା କମିଟି ପକ୍ଷରୁ ଶ୍ରୀ ସ୍ୱାଇଁଙ୍କୁ ଦୁର୍ଗା ମା ଭଜନ କ୍ୟାସଟ୍ ର ସଂଗୀତ ନିର୍ଦ୍ଦେଶନା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ସମ୍ମାନୀତ ଅତିଥି ଭାବେ କେନ୍ଦ୍ରସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଙ୍ଗର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ, ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଟିଭି ଉପସ୍ଥାପକ ତଥା ବରିଷ୍ଠ ସାମ୍ବାଦିକ ଭବାନୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀ ସ୍ୱାଇଁଙ୍କୁ ମାନପତ୍ର , ଉତରୀୟ ଓ ପୁଷ୍ପଗୁଛ ଦେଇ ସମ୍ମାନୀତ କରିଥିଲେ। ଶ୍ରୀ ସ୍ୱାଇଁ ଶତାଧିକ ଭଜନ, ଜଣାନ, ଓଡ଼ିଶୀ ଗୀତରେ ସଂଗୀତ ନିର୍ଦ୍ଦେଶନା ଦେଇ ସଂଗୀତ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ନିର୍ଦ୍ଦେଶିତ ବହୁ ଭଜନ, ଜଣାନ, ଦେଶାତ୍ମକ ସଂଗୀତ, ଓଡ଼ିଶୀ ସଂଗୀତ, ଓଡ଼ିଶାର ପ୍ରତିଷ୍ଠିତ ଟିଭି ଚ୍ୟାନେଲ ଗୁଡ଼ିକରେ ପ୍ରତ୍ୟେହ ପ୍ରସାରିତ ହେଉଛି। ବୀଣାପାଣୀ କଳାପୀଠ ପ୍ରଯୋଜନାରେ ଶତାଧିକ କ୍ୟାସେଟ୍ ତିଆରି କରାଯାଇ ଶ୍ରୋତାମାନଙ୍କ ଦ୍ୱାରା ଆଦୃତି ଲାଭ କରିଅଛି। ଏହି ସମ୍ମାନ ପାଇଁ ଶ୍ରୀ ସ୍ୱାଇଁଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

# ପାରାଦୀପରେ ସେନା ବାହିନୀର (ଅଗ୍ନିବୀର)ନିଯୁକ୍ତି ର୍‍ୟାଲି

ପାରାଦୀପ,(ପି.ଏନ): ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଭାରତୀୟ ସେନା ବାହିନୀରେ ନିଯୁକ୍ତି (ଅଗ୍ନିବୀର) ପ୍ରକ୍ରିୟା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଓଡିଶାର ୧୦ ଗୋଟି ଜିଲ୍ଲାରୁ ପିଲାମାନେ ଏହି ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବେ । ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡା,ପୁରୀ, ବାଲେଶ୍ୱର, ଭଦ୍ରକ,ମୟୁରଭଂଜ, ନୟାଗଡ, ଜଗତସିଂହପୁର, କଟକ ଜିଲ୍ଲାର ପିଲାମାନେ ଏଥିରେ ଭାଗ ନେଉଛନ୍ତି । ଜେନେରାଲ ଡ୍ୟୁଟି, କ୍ଲର୍କ,ଷ୍ଟୋର କିପର, ଟେକନିକାଲ, ହାଉସ କିପର, ଟ୍ରେଡ୍ସମ୍ୟାନ ପଦବୀ ପାଇଁ ନୁଯୁକ୍ତି ର୍‍ୟାଲି ଅନୁଷ୍ଠିତ ହେଉଛି । ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ କର୍ମ ନିୟୋଜନ ନିର୍ଦ୍ଦେଶକଙ୍କ ମିଳିତ ଆନୁକୂଲ୍ୟରେ ଏହି ର୍‍ୟାଲି ଅନୁଷ୍ଠିତ ହେଉଥିବା ଏହି ର୍‍ୟାଲି ୨୦,୯୪୧ ଜଣ ଯୁବକ ଅଂଶଗ୍ରହଣ କରିବା ନିମନ୍ତେ ରେଜିଷ୍ଟ୍ରେସନ୍ କରିଛନ୍ତି। ଜଗତସିଂହପୁର ଜିଲ୍ଲାର ପ୍ରାୟ ୧୦୦୦ ଯୁବକ ଅଂଶଗ୍ରହଣ କରୁଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ପରୀକ୍ଷାର୍ଥୀମାନେ ରହିବା ପାଇଁ ପାରାଦୀପ କଲେଜ,ମ୍ୟୁନିସିପାଲ ହାଇସ୍କୁଲ, ମ୍ୟୁନିସିପାଲ ଗାର୍ଲସ୍ ହାଇସ୍କୁଲ,ସଂଜୟ ଗାନ୍ଧୀ ହାଇସ୍କୁଲ, ଭି ପଏଂଟ୍ ଡିଏଭି ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରହିବାର ବ୍ୟବସ୍ଥା କରାଯାଇଛି । ସେହିପରି ଆର୍ମି ପର୍ସୋନେଲ୍ ମାନଙ୍କ ନିମନ୍ତେ ଗୋପବନ୍ଧୁ ଷ୍ଟାଡିୟମ୍ ଓ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି । ଏହି ର୍‍ୟାଲିର ସୁପରିଚାଳନା ପାଇଁ କୁଜଙ୍ଗ ତହସିଲଦାର, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଓ ନୋଡାଲ ଅଫିସର ଭାବେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ ଦାୟିତ୍ୱରେ ଅଛନ୍ତି ।

# ଚଣ୍ଡିଖୋଲ ଫାଣ୍ଡିରେ ନୁତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ



ଦର୍ପଣ, (ପିଏନ) : ଆଜି ଚଣ୍ଡିଖୋଲ ଫାଣ୍ଡି ଠାରେ ନୁତନ ଭାବେ ଦୀଲିପ କୁମାର କାଣ୍ଡି ଫାଣ୍ଡି ଅଧିକାରୀ ଭାବେ ଯୋଗଦାନ କରିଛନ୍ତି। ପୂର୍ବରୁ ଶ୍ରୀ କାଣ୍ଡି ଯାଜପୁର ହେଡ୍ କ୍ୱାଟର ଠାରେ ଦୀର୍ଘ ଦିନ ଧରି ଦକ୍ଷତାର ସହିତ କାର୍ଯ୍ୟକାରି ଆସୁଥିଲେ। ପୂର୍ବରୁ ଫାଣ୍ଡି ଅଧିକାରୀ ଥିବା ଚିତରଂଜନ ଜେନା ବରୀ ଫାଣ୍ଡି ଅଧିକାରୀ ଭାବେ ବଦଳି ହେବା ପରେ ଆଜି ଶ୍ରୀ କାଣ୍ଡି ଚଣ୍ଡିଖୋଲ ଫାଣ୍ଡିରେ ଯୋଗଦାନ କରିଛନ୍ତି। ଚଣ୍ଡିଖୋଲ ଛକର ଆଇନ ଶୃଙ୍ଖଳା ରକ୍ଷା କରିବା ସହିତ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ସମସ୍ତଙ୍କୁ ସମାନ ଓ ନିରପେକ୍ଷ ଭାବରେ ଆଇନ ସେବା ଯୋଗାଇ ଦେବାକୁ ନିଜର ପ୍ରାଥମିକତା ଦେବେ ବୋଲି ଶ୍ରୀ କାଣ୍ଡି କହିଛନ୍ତି । ଆଜି ଶ୍ରୀ କାଣ୍ଡି ବଡ଼ଚଣା ଥାନା ଅଧିକାରୀ ସୁଶିଲ କୁମାର ନାୟକଙ୍କୁ ସୌଜନ୍ୟ ମୁଳକ ସାକ୍ଷତ କରି ତାଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ।

# ଭାରସାମ୍ୟ ହରାଇ ବାଇକ ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା,(ପିଏନ): ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥ ବଡବେରଣା ଗ୍ରାମର ପଂଚାୟତ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଦିନ ଅପରାହ୍ନରେ ଏକ ବାଇକ ଚାଳକ ଭାରସାମ୍ୟ ହରାଇ ମୃତ୍ୟୁ ବରଣ କରିଛି ।ଏ ନେଇ ବେଗୁନିଆ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ତଦ'ଆରମ୍ଭ କରିଥିଲା । ବେଗୁନିଆ ଥାନା ଅଧିକାରୀ ସୂଚନା ଅନୁଯାଇ ନୟାଗଡ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନୂଆଗଡ ସାହିର ପ୍ରଦୀପ ବେହେରା (୩୫)ବାଘମାରୀରୁ ନିଜ ଗ୍ରାମ ଅଭିମୁଖେ ଓଡି୦୨ଡ୍ୱାଇ ୬୩୧୧ ନମ୍ବର ବିଶିଷ୍ଟ ବାଇକରେ ଆସୁଥିବା ବେଳେ ବଡବେରଣା ପଂଚାୟତ କାର୍ଯ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲେ । ଘଟଣା ସ୍ଥଳରେ ମୁଣ୍ଡ ଓ କାନରେ ଗଭୀର ଆଘାତ ଲାଗି ଥିବାରୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଶ୍ରୀ ବେହେରା ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ । ଏଥିରେ ପୋଲିସ ଏକ ମାମଲା ରୁଜୁ କରି ଆସନ୍ତାକାଲି ପୂର୍ବାହ୍ନରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

# ତାଳଚେର ଓ ଢେଙ୍କାନାଳ ରାବଣପୋଡ଼ି ମହୋତ୍ସବରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ/ଢେଙ୍କାନାଳ/ଭୁବନେଶ୍ୱର, (ପି.ଏନ): ପବିତ୍ର ବିଜୟା ଦଶମୀ ଓ ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ଅବସରରେ ବୁଧବାର ତାଳଚେର ଦେଉଳବେଡା ତେଲିସାହି ଠାରେ ମହାନଦୀ କୋଲ ଫିଲ୍ଡ(ଏମସିଏଲ) ଦ୍ୱାରା ନିର୍ମାଣ ହେବାକୁ ଥିବା କମ୍ୟୁନିଟି ସେଂଟର ବା ସାମୁଦାୟିକ କେନ୍ଦ୍ର ପାଇଁ ଭିତିପ୍ରସ୍ତର ଦେବା ସହ ସେଠାରେ ଏକ ମୁଖ୍ୟ ଫାଟକର ଭୂମିପୂଜନ ଓ ଶିଳାନ୍ୟାସ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ସେ କହିଛନ୍ତି ସାମୁଦାୟିକ କେନ୍ଦ୍ର ତଥା କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ବିବିଧ ପର୍ବ ପର୍ବାଣୀରେ ଏହା ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ଭାବେ ସହାୟକ ହେବ ଓ ଗ୍ରାମବାସୀମାନେ ଏହାର ସୁବିଧା ନେଇପାରିବେ। ଏହି କାମକୁ ଶୀଘ୍ର ସାରିବାକୁ ଏମସିଏଲର ଅଧିକାରୀଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଆଗାମୀ ୨୫ ବର୍ଷ ସୁଦ୍ଧା ଦେଖିଥିବା 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ତାଳଚେର ଓ ଅନୁଗୋଳ ଏବଂ ଢ଼େଙ୍କାନାଳ ବାସୀ ଦାୟିତ୍ୱ ନେବା । ବିଶେଷ ଭାବରେ ଯୁବପିଢିମାନେ ଅଞ୍ଚଳର ବିକାଶ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ସ୍ଥାନୀୟ ଅଂଚଳରେ ହେଉଥିବା କାମକୁ ତଦାରଖ କରିବା ଦିଗରେ ଦାୟିତ୍ୱ ନେବା ଜରୁରୀ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।ଏହା ବ୍ୟତିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଜୟା ଦଶମୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ସାଉଥ ବଲଣ୍ଡା ଏବଂ ଢେଙ୍କାନାଳ ମିନି ଷ୍ଟାଡ଼ିୟମରେ ଆୟୋଜିତ ପୃଥକ ପୃଥକ ରାବଣ ପୋଡ଼ି ମହୋତ୍ସବରେ ସାମିଲ ହୋଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ତାଳଚେର ସାଉଥ ବଲଣ୍ଡା ଠାରେ ଆୟୋଜିତ ରାବଣ ପୋଡ଼ି ମହୋତ୍ସବରେ ଜନସାଧାରଣ ବିଶେଷ ଭାବରେ ଯୁବଶକ୍ତିଙ୍କ ଉତ୍ସାହ ଅଭୂତପୂର୍ବ । ଶକ୍ତି ସ୍ୱରୂପିଣି ମା' ଦୁର୍ଗା ସମାଜରୁ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାରକୁ ନିଶ୍ଚିହ୍ନ କରିବା ପାଇଁ ପୃଥିବୀ ପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ଦୁର୍ଗା ଓ ମା' ହିଙ୍ଗୁଳାଙ୍କ ଆଶୀର୍ବାଦରେ ୨୦୪୭ ସୁଦ୍ଧା ଅପାର ସମ୍ଭାବନାର ଅଂଚଳ ଅନୁଗୋଳ ଜିଲ୍ଲା ସମେତ ସମଗ୍ର ଓଡ଼ିଶା ଓ ଭାରତବର୍ଷକୁ ବିଶ୍ୱରେ ଅଗ୍ରଣୀ ଅଞ୍ଚଳ କରିବା ପାଇଁ ସମସ୍ତେ ଏକତ୍ରିତ ହେବା ପାଇଁ ସେ ଆହ୍ୱାନ କରିଛନ୍ତି ।ବିଜୟା ଦଶମୀ ଆମକୁ ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ; ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ୟାୟ ଉପରେ ନ୍ୟାୟର ଚିରନ୍ତନ ବିଜୟର ବାର୍ତା ଦେଉଅଛି ।

# କୃଷ୍ଣଚୁଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,(ପି.ଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ଦୁର୍ଗା ମଣ୍ଡପ ପରିସରରେ କୃଷ୍ଣ ଚୁଡା ସାହିତ୍ୟ ସଂସଦର ପଂଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏ ନେଇ ସଂସଦର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ଆବାହକତ୍ୱ ଓ କବି ଜମ୍ବେଶ୍ୱର କହଲସିଂହଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ସରପଂଚ ମାନସ ରଞ୍ଜନ ବିଶ୍ୱାଳ,ସମିତି ସଭ୍ୟ ନବନିତା ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ନୟାଗଡ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ ବରେଣ୍ୟ ଅତିଥି,ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସମ୍ପାଦକ ଆର୍ତବନ୍ଧୁ ସେଠୀ, କଂଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି ମତ ଦେଇଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନୟାଗଡ ଜିଲ୍ଲା ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୟାଗଡ ଜିଲ୍ଲା ଲେଖକ ପରିଷଦର ସଭାପତି ବୃନ୍ଦାବନ ମହାପାତ୍ର ମୁଖ୍ୟ ଅତିଥି,ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସଭାପତି ଧର୍ମାନନ୍ଦ ମହାନ୍ତି ବିଶିଷ୍ଟ ଅତିଥି,ଅବସରପ୍ରାପ୍ତ ଅଧ୍ୟାପକ ଡଃ କୈଳାସ ବାଣ୍ଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।ଏହି ଅବସରରେ ବିଭିନ୍ନ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କବି ନିଶିକା' କହଲସିଂହ,ବିପିନ ବିହାରୀ ସାହୁ ,କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ଓ ନୀଳିମା ନନ୍ଦ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଗୋପୀନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କଠିନ ପରିଶ୍ରମ ସହ ଦୃଢ଼ ଆତ୍ମବିଶ୍ୱାସ ହିଁ ସଫଳତାର ଚାବିକାଠି

*ସଂଗ୍ରାମ , ସଂଘର୍ଷ ଓ ଶେଷରେ ସଫଳତା। ଦୀର୍ଘ ଦୁଇବର୍ଷର ଲମ୍ବା ଯାତ୍ରା। ପ୍ରଥମ ପ୍ରଚେଷ୍ଟାରେ ଓଡ଼ିଶା ରାଜସ୍ୱ ସେବା ଓ ବର୍ତ୍ତମାନ ଓଡ଼ିଶା ପ୍ରଶାସନିକ ସେବା। ଜୀବନର ପ୍ରତିଟି ସୋପାନରେ ଅଦମ୍ୟ ଚେଷ୍ଟା ଓ ଆତ୍ମବିଶ୍ୱାସ , ପରିବାରର ଆଶୀର୍ବାଦ ଯୋଗୁଁ ଦୁଇ ଦୁଇ ଥର ସଫଳତାର ଶିଖରେ ପହଁଚି ସମସ୍ତଙ୍କ ପାଇଁ ଏକ ପ୍ରେରଣା ସାଜିଛନ୍ତି ମୟୁରଭଂଜ ଜିଲ୍ଲାର ପ୍ରଜ୍ଞା ନନ୍ଦନ ଗିରି। ଜୀବନରେ ସଫଳତାର ସ୍ୱାଦ ଚାଖିବା ଏତେ ସହଜ ନୁହେଁ। କଠିନ ପରିଶ୍ରମ ହିଁ ଏହାକୁ ସଫଳ କରିବାରେ ସାହାଯ୍ୟ କରେ। ନିକଟରେ ଓଡ଼ିଶା ପ୍ରଶାସନିକ ସେବାର ଫଳାଫଳ ପ୍ରକାଶ ପାଇଛି । ଏଥିରେ ମୟୁରଭଂଜ ଜିଲ୍ଲାର ପ୍ରଜ୍ଞା ନନ୍ଦନ ଗିରି ୫୦ତମ ସ୍ଥାନରେ ଅଛନ୍ତି। କଟକ ସ୍ଥିତ କଳିଙ୍ଗ ଭାରତୀ ଆବାସିକ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ପରେ ନାଇଜରରେ ପଢୁଥିବା ପ୍ରଜ୍ଞା ଜଣେ ମେଧାବୀ ଛାତ୍ର ଭାବେ ପରିଚିତ। ତାଙ୍କ ସଫଳତା ପରେ ଅଧିକ ଆଲୋଚନା କରିଛନ୍ତି ଯୁବ ସ୍ତମ୍ଭକାର* ***ଡି ଶୁଭମ୍*** *....*



୧. ଓଡିଶା ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କେମିତି ଥିଲା ?

ମୁଁ ଜୁଲାଇ ୨୦୧୯ ରୁ ୟୁପିଏସସି ଏବଂ ଓପିଏସସି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲି । ସେତେବଳକୁ ମୁଁ ଶେଷବର୍ଷରେ ଥିଲି, ସେଥିପାଇଁ ପଢିବାକୁ ବେଶି ସମୟ ମିଳୁନଥିଲା । ଦିନକୁ ୩-୪ ଘଣ୍ଟା ପଢ଼ିପାରୁଥିଲି। କିନ୍ତୁ ଯେତିକି ବି ଇତିହାସ, ଭୂଗୋଳ, ଅର୍ଥନୀତିର ବହି ଅଛି ସେସବୁକୁ ଥରେ ପଢ଼ିଥିଲି । ପ୍ରିଲିମ୍ ରେଜଲ୍ଟ ଆସିବା ପରେ ଅପସନାଲ ବିଷୟବସ୍ତୁରେ ସମୟ ଦେଇଥିଲି, ମେନ୍ ପାଇଁ ଦିନକୁ ୬-୮ ଘଣ୍ଟା ପଢ଼ିପାରୁଥିଲି । ଏଥର ପୁଣି ସେହିପରି ଭାବରେ ନିଜକୁ ପ୍ରସ୍ତୁତ କରିଥିଲି।

୨. ନାଇଜର ରୁ ଓଏଏସ୍ - ଏ ଯାତ୍ରା କେମିତି ଥିଲା ?

ନାଇଜର ରେ ପଢୁଥିବା ସମୟରେ ପଞ୍ଚମ ବର୍ଷରେ ହିଁ ମୁଁ ପ୍ରଶାସନିକ ସେବା ରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଥିଲି ଆଉ ପ୍ରସ୍ତୁତି ଆରମ୍ଭ କରିଥିଲି। ଏହା ପଛରେ ମୁଖ୍ୟତଃ ଦୁଇଟି କାରଣ ଥିଲା - ମୁଁ ଗବେଷଣାରେ ସନ୍ତୁଷ୍ଟ ନଥିଲି, ମୋତେ ସିଧାସଳଖ ଲୋକଙ୍କ ଭିତରକୁ ଯାଇ କାମ କରିବାର ଥିଲା। ଏହା ଛଡ଼ା ମୋତେ ଏକ ବିବିଧତାପୂର୍ଣ୍ଣ ଓ ଆହ୍ୱାନଭରା କ୍ୟାରିୟର ଦରକାର ଥିଲା ଯାହାକି ସିଭିଲ ସର୍ଭିସ ପ୍ରଦାନ କରିଥାଏ।

୩. ଦୁଇବର୍ଷର ଏ ସଂଘର୍ଷ କେମିତି ଥିଲା ?

କରୋନାର ପ୍ରଭାବରେ ମେନ୍ ପରୀକ୍ଷା ଜାନୁଆରୀ ୨୦୨୨ରେ ହୋଇଥିଲା। ସେଥିପାଇଁ ମୋତେ ସିଲାବସ ଶେଷ କରିବାକୁ ଅଧିକ ସମୟ ମିଳିଥିଲା। ମୁଁ ଘରେ ରହି ଅନଲାଇନ ପ୍ଲାଟଫର୍ମରୁ ପଢୁଥିଲି । ସେଥିପାଇଁ ତାଲାବନ୍ଦ ହେବା ଦ୍ୱାରା ବିଶେଷ ଫରକ୍ ପଡ଼ିନଥିଲା । ସେତବେଳେ ଓ.ଆର.ଏସ ପାଇଥିଲି। ଆଉ ଏବେ ପୁଣି ସରକାରୀ ପଦରେ ଥାଇ ବି ପ୍ରସ୍ତୁତି କରୁଥିଲି।

୪. ଭବିଷ୍ୟତ ଲକ୍ଷ୍ୟ କଣ ରହିଛି ?

ଭବିଷ୍ୟତରେ ୟୁପିଏସ୍ ସି ସିଭିଲ ସେବା ପରୀକ୍ଷା ଦେଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରହିଛି ଓ ଚେଷ୍ଟା ଜାରି ରଖିଛି।

୫. ଆଗାମୀ ଯୁବ ପିଢ଼ି ଙ୍କ ପାଇଁ କଣ ବାର୍ତ୍ତା ଦେବେ ?

ଏତିକି କହିବା ପାଇଁ ଚାହିଁବି ଯେ - ଜୀବନରେ କେବେ ଅଳସୁଆ ହେବା ଉଚିତ୍ ନୁହେଁ , ନିଜ ଲକ୍ଷ୍ୟ ଦିଗରେ କାମ କରିବା ଦରକାର। ଯାହା ବି ଜୀବନରେ କର , ଦେଶ ଓ ଜାତି ଉଦ୍ଦେଶ୍ୟରେ ସମର୍ପିତ ହେବା ଆବଶ୍ୟକ। ସର୍ବୋପରି ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray